## ପ୍ରଥମ ଅଧ୍ୟାୟ

# ନୂତନ ଶକ୍ତିର ଅଭ୍ୟୁତ୍‌ଥାନ

### (କ) ଐତିହାସିକମାନେ ଏବଂ ସେମାନଙ୍କର ଉପାଦାନ

ଯେ କୌଣସି ସମୟର ଇତିହାସ ରଚନା କରିବା ପାଇଁ ଉପାଦାନ ଆବଶ୍ୟକ । ଐତିହାସିକ ଉପାଦାନକୁ ବିଶ୍ଳେଷଣ କରି ଇତିହାସ ରଚନା କରାଯାଏ । ମଧ୍ୟଯୁଗୀୟ ଭାରତର ଇତିହାସ ରଚନା କରିବା ପାଇଁ ବହୁ ଉପାଦାନ ରହିଅଛି । ତାହାକୁ ଆଧାର କରି ଐତିହାସିକମାନେ ତୁର୍କ ଆକ୍ରମଣ, ରାଜପୁତମାନଙ୍କର ଅଭ୍ୟୁଦୟ, ଗଙ୍ଗବଂଶର ଶାସନ, ଭକ୍ତି ଆନ୍ଦୋଳନ, ମୋଗଲମାନଙ୍କର ଶାସନ ଓ ଭାରତରେ ୟୁରୋପୀୟମାନଙ୍କର ଆଗମନ ଉପରେ ଆଲୋକପାତ କରିଛନ୍ତି ।

ସୁଲତାନ ମାମୁଦଙ୍କ ଶାସନ ସଂପର୍କରେ ଫିର୍ଦ୍ଦୋସିଙ୍କ 'ଶାହାନାମା' ସୂଚନା ପ୍ରଦାନ କରିଥାଏ । ମିନ୍‌ହାଜ୍-ଉଦ୍ଦିନ୍-ସିରାଜଙ୍କ 'ତବାକତ୍-ଇ-ନାସିରୀ'ରେ ମହମ୍ମଦ ଘୋରୀ, ଇଲତୁତ୍‌ମିସ୍ ଏବଂ ବଲବନଙ୍କ ବିଷୟରେ ବର୍ଣ୍ଣନା କରାଯାଇଅଛି । ଏହା ବ୍ୟତୀତ ଅମୀର ଖୁସ୍ରୁଙ୍କ 'ତୁଗ୍‌ଲକ୍ ନାମା' ମହମ୍ମଦ-ବିନ୍- ତୁଗ୍‌ଲକ୍‌ଙ୍କ କାର୍ଯ୍ୟକଳାପ ସଂପର୍କରେ ବର୍ଣ୍ଣନା କରିଥାଏ । ବାବରଙ୍କ ଆତ୍ମଚରିତ 'ବାବରନାମା'ଏବଂ ଆବୁଲ ଫାଜଲଙ୍କ 'ଆକବରନାମା' ଯଥାକ୍ରମେ ମୋଗଲ ଶାସକ ବାବର ଓ ଆକବରଙ୍କ ବିଷୟରେ ତଥ୍ୟ ପ୍ରଦାନ କରିଥାଏ । ଏହିପରି ଭାବରେ ମଧ୍ୟଯୁଗରେ ରଚିତ ବହୁ ପୁସ୍ତକ ସେ ସମୟର ବିଭିନ୍ନ ଶାସକମାନଙ୍କ ସଂପର୍କରେ ତଥ୍ୟ ପ୍ରଦାନ କରିଥାଏ ।

**ତୁମେ ଜାଣିଛ କି?**

- ଅମୀର ଖୁସ୍ରୁଙ୍କ 'ଖାଜାଇନ-ଉଲ-ଫୁତୁ' ଆଲ୍ଲାଉଦ୍ଦିନ ଖିଲିଜୀଙ୍କ ରାଜ୍ୟ ଜୟ ସଂପର୍କରେ ବର୍ଣ୍ଣନା କରିଥାଏ ।
- ଫିରୋଜଶାହା ତୁଗ୍‌ଲକ୍‌ଙ୍କ ସଂପର୍କରେ ଅଫିଫ୍‌ଙ୍କ 'ତାରିଖ୍-ଇ-ଫିରୋଜଶାହୀ' ପୁସ୍ତକ ଅନେକ ସୂଚନା ଦେଇଥାଏ ।
- ହୁମାୟୁନଙ୍କ ଭଉଣୀ ଗୁଲବଦନ ବେଗ୍ 'ହୁମାୟୁନନାମା'ରେ ହୁମାୟୁନଙ୍କ ବିଷୟରେ ଅନେକ କଥା ଆଲୋଚନା କରିଛନ୍ତି ।
- ଇନାୟତ୍ ଖାଁଙ୍କ 'ଶାହାଜାହାନନାମା'ରୁ ମୋଗଲ ସମ୍ରାଟ ଶାହାଜାହାନ୍‌ଙ୍କ ସଂପର୍କରେ ଅନେକ ତଥ୍ୟ ମିଳିଥାଏ ।
- 'ବାବରନାମା'ର ଅନ୍ୟନାମ 'ତୁଜୁକ୍-ଇ-ବାବରୀ' ।

ମୋଗଲମାନଙ୍କ ସମୟରେ ରଚିତ ଐତିହାସିକ କୃତିମାନ ମୋଗଲ ସମ୍ରାଟମାନଙ୍କର କେଉଁ କାର୍ଯ୍ୟକଳାପଗୁଡ଼ିକ ବିଷୟରେ ବର୍ଣ୍ଣନା କରିଥିବ, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

ମିନ୍‌ହାଜ୍-ଉଦ୍ଦିନ୍-ସିରାଜ୍ 'ତବାକତ୍-ଇ-ନାସିରୀ'ଲେଖିଥିଲେ । ସେହିପରି ଦିଲ୍ଲୀର ସୁଲତାନମାନଙ୍କ ବିଷୟରେ ଅନ୍ୟ ଲେଖକଙ୍କ ଐତିହାସିକ କୃତିମାନ ଅନ୍ୟସହ ଆଲୋଚନା କରି ଲେଖ ।

'ବୀଜକ' ଗ୍ରନ୍ଥରେ ଥିବା 'ଦୋହା'ରୁ କବୀରଙ୍କ ଧର୍ମବାଣୀ ସମ୍ବନ୍ଧରେ ଜାଣି ହୋଇଥାଏ । 'ଆଦିଗ୍ରନ୍ଥ' ବା 'ଗୁରୁଗ୍ରନ୍ଥ ସାହେବ'ରୁ ନାନକଙ୍କ ନୀତିବାଣୀ ସଂପର୍କରେ ସୂଚନା ମିଳିଥାଏ । ଶ୍ରୀ ଚୈତନ୍ୟଙ୍କ ବାଣୀ 'ଚୈତନ୍ୟ ଚରିତାମୃତ' ନାମକ ପୁସ୍ତକରୁ ଜାଣି ହୋଇଥାଏ । କୃଷ୍ଣଦେବ ରାୟଙ୍କର 'ଆମୁକ୍ତ ମାଲ୍ୟଦ' ପୁସ୍ତକରୁ ବିଜୟନଗର ରାଜ୍ୟ ଏବଂ ଏହାର ଶାସନ ବିଷୟରେ ଜଣାପଡ଼ିଥାଏ ।

## ତୁମେ ଜାଣିଛ କି?

❖ ଦୋହା: ଏହା ଦୁଇ ଧାଡ଼ିର ରଚିତ ଏକ ପଦ । ପ୍ରତ୍ୟେକ ଦୋହାରେ କେବଳ ଗୋଟିଏ ଭାବ ହିଁ ପ୍ରକାଶ ପାଇଥାଏ ।

ତୁମେ ଜାଣିଥିବା ଅନ୍ୟାନ୍ୟ ସନ୍ଥମାନଙ୍କର ନାମ ଏବଂ ସେମାନଙ୍କ ରଚିତ ପୁସ୍ତକର ନାମ ଲେଖ ।

ଗୋଆରେ ଥିବା ସେଣ୍ଟ ଜାଭିୟର୍ସ ଚର୍ଚ୍ଚ ନଥିରୁ ଭାରତରେ ପର୍ତ୍ତୁଗୀଜ୍‌ମାନଙ୍କ କାର୍ଯ୍ୟକଳାପ ସଂପର୍କରେ ସୂଚନା ମିଳେ । କଲିକତାରେ ଥିବା ଦୁର୍ଗ ଫୋର୍ଟ ଉଇଲିୟମର ନଥିରୁ ଭାରତରେ ଇଂରେଜମାନଙ୍କର ପ୍ରାଥମିକ କାର୍ଯ୍ୟକଳାପ ବିଷୟରେ ଜାଣି ହୋଇଥାଏ ।


**ଉଇଲିୟମ୍ ଫୋର୍ଟ**

## ତୁମେ ଜାଣିଛ କି?

❖ ଅଭିଲେଖ– ଜଣେ ଶାସକଙ୍କ ସଂପର୍କରେ ଧାରଣା ଦେଇଥାଏ । ଏହା ପ୍ରସ୍ତର, ତାମ୍ର ପଟା ଏବଂ ମୁଦ୍ରାରେ ବିଭିନ୍ନ ଲିପିରେ ଖୋଦିତ ହୋଇଥାଏ ।

ଓଡ଼ିଶାର ସୋମବଂଶୀ ଏବଂ ଗଙ୍ଗବଂଶୀମାନଙ୍କର ଇତିହାସ ଜାଣିବା ପାଇଁ ଏହି ରାଜବଂଶର ରାଜାମାନେ ଛାଡ଼ି ଯାଇଥିବା ଅଭିଲେଖମାନ ସହାୟକ ହୋଇଥାଏ । ଦକ୍ଷିଣ ଭାରତରେ ରାଜତ୍ୱ କରୁଥିବା ଚୋଳ, ପାଣ୍ଡ୍ୟ, ଯାଦବ ଆଦି ରାଜବଂଶର ଇତିହାସ ଜାଣିବା ପାଇଁ ମଧ୍ୟ ସେହି ବଂଶର ରାଜାମାନଙ୍କ ଦ୍ୱାରା ଖୋଦିତ ହୋଇଥିବା ଅଭିଲେଖରୁ ଜଣା ପଡ଼ିଥାଏ । ଏହି ଅଭିଲେଖ ଗୁଡ଼ିକରୁ ରାଜାମାନଙ୍କର ରାଜ୍ୟ ଜୟ, ଶାସନ ପ୍ରଣାଳୀ, ଭୂମିଦାନ ଆଦି ବିଷୟ ସଂପର୍କରେ ଜାଣି ହୋଇଥାଏ ।


ତାମ୍ର ପଟା

মধ্যযুগরে ଛାପାଖାନା ନଥିଲା । ତେଣୁ ପାଣ୍ଡୁଲିପିଗୁଡ଼ିକ ମୁଦ୍ରିତ ହୋଇ ପାରୁ ନ ଥିଲା । ଜଣେ ଲେଖକଙ୍କର ପାଣ୍ଡୁଲିପି ଦେଖି ତାହାକୁ ଅନ୍ୟଜଣେ ଲେଖୁଥିଲା । ଲେଖାକୁ ଅନୁସରଣ କରି ଲେଖିଲା ବେଳେ ଅଧିକାଂଶ ଅକ୍ଷରର ପରିବର୍ତ୍ତନ ହୋଇ ଯାଉଥିଲା । ବେଳେବେଳେ ଅନୁକରଣ କରୁଥିବା ବ୍ୟକ୍ତି ମଧ୍ୟ ନିଜ ମନରୁ ଧାଡ଼ିଏ ଦୁଇ ଧାଡ଼ି ତଥ୍ୟ ଲେଖି ଦେଉଥିଲା । ଏହି ଐତିହାସିକ ପ୍ରମାଦ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଦୂରୀଭୂତ ହୋଇପାରି ନାହିଁ । ଫଳରେ ଅଧିକାଂଶ ଲେଖକ, କବି ଏବଂ ଐତିହାସିକମାନଙ୍କର ମୂଳଲେଖା ହସ୍ତଗତ ହୋଇ ପାରିନାହିଁ । ତଥାପି ମିଳିଥିବା ଗ୍ରନ୍ଥକୁ ଆଧାର କରି ଇତିହାସ ଲେଖା ହେଉଅଛି ।



ପାଣ୍ଡୁଲିପିର ଅନୁକରଣ


ମଧ୍ୟଯୁଗରେ ଛାପାଖାନା ଥିଲେ କି ସୁବିଧା ହୋଇଥାଆନ୍ତା ?

ବିଭିନ୍ନ ଗ୍ରନ୍ଥ ତଥା ନଥି ଅଭିଲେଖାଗାରରେ ସଂଗୃହୀତ ହୋଇ ରହିଥାଏ । ଐତିହାସିକମାନେ ସେଗୁଡ଼ିକୁ ପଢ଼ି ବିଭିନ୍ନ ସମୟରେ ଇତିହାସ ରଚନା କରିଥାନ୍ତି । ଅଧିକାଂଶ ସମୟରେ ତଥ୍ୟ ସମ୍ବଳିତ ତାଳପତ୍ର ପୋଥି ତଥା ପୁସ୍ତକର କାଗଜକୁ ଉଇ ଖାଇ ଦେବାର ଭୟ ଥାଏ । ତେଣୁ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ଏହି ଉପାଦେୟ ଗ୍ରନ୍ଥଗୁଡ଼ିକୁ ଅଭିଲେଖାଗାରରେ ସଂଗ୍ରହ କରି ରଖାଯାଏ । ସେହିପରି ଭାବରେ ବିଭିନ୍ନ ସଂଗ୍ରହାଳୟରେ ଅଭିଲେଖମାନ ରହିଅଛି । ସେଗୁଡ଼ିକୁ ପଢ଼ି ଐତିହାସିକମାନେ ଇତିହାସ ରଚନା କରିବାକୁ ସକ୍ଷମ ହେଉଛନ୍ତି । ଅତଏବ, ଇତିହାସ ଲେଖିବା ପାଇଁ ଉପାଦାନ ଯେ ନିତାନ୍ତ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ ।

**ତୁମେ ଜାଣିଛ କି?**

ଅଭିଲେଖାଗାରରେ ବହୁ ନଥିପତ୍ର, ଦିନଲିପି (ଡାଏରୀ) ତଥା ପୁସ୍ତକ ଆଦି ରହିଥାଏ । ଗବେଷକମାନେ ସେମାନଙ୍କର ଗବେଷଣା ପାଇଁ ଏହିଠାରୁ ଉପାଦାନ ସଂଗ୍ରହ କରିଥାନ୍ତି ।

- ତାଳପତ୍ର ପୋଥି ତଥା ଅନ୍ୟାନ୍ୟ ଉପାଦେୟ ପୁସ୍ତକଗୁଡ଼ିକୁ କିପରି ସଂରକ୍ଷଣ କରାଯାଇ ପାରିବ, ଅନ୍ୟମାନଙ୍କଠାରୁ ବୁଝି ଲେଖ ।
- ଆମରାଜ୍ୟ ଅଭିଲେଖାଗାର କେଉଁଠାରେ ଅଛି ?



ତାଳପତ୍ର ପୋଥି

## (ଖ) ତୁର୍କମାନଙ୍କର ଆକ୍ରମଣ:

ଦଶମ ଶତାବ୍ଦୀରେ ଭାରତର ରାଜନୈତିକ ଅବସ୍ଥା ଅସ୍ଥିର ଥିଲା । ବିଭିନ୍ନ ରାଜବଂଶର ରାଜାମାନେ ପରସ୍ପର ମଧ୍ୟରେ ଯୁଦ୍ଧ ଏବଂ କଳହରେ ଲିପ୍ତ ଥିଲେ । ଏହାର ସୁଯୋଗ ନେଇ ଉତ୍ତର-ପଶ୍ଚିମରୁ ତୁର୍କମାନେ ଭାରତ ଆକ୍ରମଣ କରିଥିଲେ । ତନ୍ମଧ୍ୟରେ ପ୍ରଥମ ଥିଲେ ଗଜନୀର ସୁଲତାନ ମାମୁଦ୍ ।

### ମାମୁଦ୍ ଗଜନୀଙ୍କର ଭାରତ ଆକ୍ରମଣ:



ସୁଲତାନ ମାମୁଦ୍

ଦଶମ ଶତାବ୍ଦୀରେ ଆଫଗାନିସ୍ତାନରେ ଆଲପ୍ତଗିନ୍ ଗଜନୀ ନାମକ ଏକ କ୍ଷୁଦ୍ର ରାଜ୍ୟ ସ୍ଥାପନ କରିଥିଲେ । ୯୭୭ ଖ୍ରୀଷ୍ଟାବ୍ଦରେ ସାବୁକ୍ତଗିନ୍ ଏହାର ଶାସନକର୍ତ୍ତା ହୋଇଥିଲେ । ତାଙ୍କ ମୃତ୍ୟୁ ପରେ ସୁଲତାନ ମାମୁଦ୍ ୯୯୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲେ । ଗଜନୀକୁ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବା ପାଇଁ ସେ ସ୍ୱପ୍ନ ଦେଖିଥିଲେ । ମଧ୍ୟ-ଏସିଆ ଜୟ କରି ଏକ ବିଶାଳ ସାମ୍ରାଜ୍ୟ ସୃଷ୍ଟି କରିବାର କଳ୍ପନା ତାଙ୍କ ମନରେ ଉଙ୍କି ମାରିଲା । ସେଥିପାଇଁ ସେ ଏକ ବିରାଟ ସୈନ୍ୟବାହିନୀ ଗଠନ କଲେ । ଭାରତର ଧନ ରତ୍ନ ତାଙ୍କୁ ପ୍ରଲୋଭିତ କରିଥିଲା । ସେ ୧୦୦୦ ଖ୍ରୀଷ୍ଟାବ୍ଦରୁ ୧୦୨୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ୧୭ ଥର ଭାରତ ଆକ୍ରମଣ କରିଥିଲେ ।

> ଗଜନୀକୁ ଶକ୍ତିଶାଳୀ କରିବା ପାଇଁ ସୁଲତାନ ମାମୁଦ ଆଉ କେଉଁ କେଉଁ ପଦକ୍ଷେପ ନେଇଥିବେ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ମାମୁଦ୍ ପଞ୍ଜାବ, ମୁଲତାନ୍, ଥାନେଶ୍ୱର ଆଦି ଅଧିକାର କରି ନିଜ ବୀରତ୍ୱର ପରିଚୟ ପ୍ରଦାନ କରିଥିଲେ । ସେ ପଞ୍ଜାବକୁ ନିଜ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । ୧୦୨୫ ଖ୍ରୀଷ୍ଟାବ୍ଦରେ ମାମୁଦ୍ ଗୁଜରାଟର ପ୍ରସିଦ୍ଧ ସୋମନାଥ ମନ୍ଦିର ଲୁଣ୍ଠନ କରି ବହୁ ଧନରତ୍ନ ଭାରତରୁ ଗଜନୀକୁ ନେଇ ଯାଇଥିଲେ । ହିନ୍ଦୁ ମନ୍ଦିର ଧ୍ୱଂସ ଏବଂ ଲୁଣ୍ଠନ କରି ଇସଲାମ ଧର୍ମର ଗୌରବ ରକ୍ଷା କରିବା ପାଇଁ ସେ ଚେଷ୍ଟିତ ଥିଲେ ।

> ସୁଲତାନ ମାମୁଦ୍ ସୋମନାଥ ମନ୍ଦିର ଲୁଣ୍ଠନ କଲାବେଳେ ଏହି ମନ୍ଦିରକୁ ରକ୍ଷା କରିବା ପାଇଁ ସେତେବେଳେ ପୂଜକମାନେ କି କି ପଦକ୍ଷେପ ନେଇଥିବେ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

୧୦୩୦ ଖ୍ରୀଷ୍ଟାବ୍ଦରେ ସୁଲତାନ ମାମୁଦ୍ ମୃତ୍ୟୁବରଣ କଲେ । ସମଗ୍ର ଉତ୍ତର ଭାରତ ଏକ ଆକ୍ରମଣକାରୀ ଏବଂ ଲୁଣ୍ଠନକାରୀ କବଳରୁ ମୁକ୍ତ ହେଲା । ମାମୁଦ୍ କିନ୍ତୁ ଗଜନୀର ବହୁ ଉନ୍ନତି ସାଧନ କରିଥିଲେ । ସେ ସେଠାରେ ଏକ ବିରାଟ ପାଠାଗାର ଏବଂ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିଥିଲେ ।

**ତୁମେ ଜାଣିଛ କି?**

- ❖ ମାମୁଦ ତାଙ୍କ ୧୭ ଥର ଭାରତ ଆକ୍ରମଣ ମଧ୍ୟରେ ଭାରତର ଆହୁରି ଅନେକ ରାଜ୍ୟ ଉପରେ ଆକ୍ରମଣ କରିଥିଲେ । ସେଗୁଡ଼ିକ ହେଲା- କାଶ୍ମୀର, ବଙ୍ଗ, ବୁନ୍ଦେଲଖଣ୍ଡ, ମାଳବ, ଆଜମୀର
- ❖ ସୋମନାଥ ମନ୍ଦିର ଆକ୍ରମଣ ବେଳେ ଗୁଜୁରାଟର ରାଜା ଭୀମଦେବ ରାଜ୍ୟ ଛାଡ଼ି ପଳାୟନ କରିଥିଲେ ।
- ❖ ସୋମନାଥ ମନ୍ଦିର ଗୁଜରାଟର କାଥିଆୱାଡ ସମୁଦ୍ର କୂଳରେ ଅବସ୍ଥିତ ଥିଲା ।
- ❖ ମାମୁଦଙ୍କୁ ବାଗ୍‌ଦାଦ୍‌ର ଖଲିଫା 'ଇସଲାମ ଧର୍ମର ରକ୍ଷକ' ବୋଲି ସମ୍ମାନିତ କରିଥିଲେ ।

ମାମୁଦ୍ ତାଙ୍କ ଦରବାରରେ ବହୁ ଜ୍ଞାନୀ ଏବଂ ଗୁଣୀମାନଙ୍କୁ ସ୍ଥାନ ଦେଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରସିଦ୍ଧ ଥିଲେ ପାରସିକ କବି ଫିର୍ଦ୍ଦୋସି । ସେ 'ଶାହାନାମା' ନାମକ ଏକ ବିରାଟ ଗ୍ରନ୍ଥ ରଚନା କରି ଜନମାନସରେ ଅମର ହୋଇ ରହିଛନ୍ତି । ମାମୁଦ୍ ଆଲ୍‌ବେରୁଣୀ ନାମକ ଜଣେ ବିଦ୍ୱାନ ବ୍ୟକ୍ତିଙ୍କୁ ଭାରତ ସଂପର୍କରେ ଜ୍ଞାନ ଆହରଣ କରିବା

ପାଇଁ ପଠାଇଥିଲେ । ସେ ଭାରତରେ ବହୁ ବର୍ଷ ରହି ଭାରତ ଉପରେ ଏକ ସୁନ୍ଦର ପୁସ୍ତକ ରଚନା କରିଥିଲେ । ତାହାର ନାମ ହେଉଛି 'ତହକିକ୍-ଇ-ହିନ୍ଦ୍' ଅର୍ଥାତ 'ଭାରତ ବିଷୟରେ ଯାହା ସତ୍ୟ' ।

ତୁମେ ମାମୁଦ୍‌ଙ୍କ ରାଜଦରବାରରେ ଜଣେ ଐତିହାସିକ ବା କବି ରୂପେ ସ୍ଥାନ ପାଇଥିଲେ, ତାଙ୍କ ଚରିତ୍ରକୁ କିପରି ଭାବରେ ଚିତ୍ରଣ କରିଥାନ୍ତ ?

ମାମୁଦ୍‌ଙ୍କ ମୃତ୍ୟୁପରେ ଗଜନୀ ରାଜ୍ୟ ନିଜର ଗୌରବ ହରାଇ ବସିଲା । ତାଙ୍କର ଉତ୍ତରାଧିକାରୀମାନେ ଦୁର୍ବଳ ହୋଇ ପଡ଼ିଲେ । ଗଜନୀ ରାଜ୍ୟର ପତନ ଘଟିଲା । ଏହା ପରେ ଆଫଗାନିସ୍ତାନରେ ଘୋର ନାମକ ଅନ୍ୟ ଏକ ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ଏହାର ଶାସକ ମହମ୍ମଦ ଘୋରୀ ମଧ୍ୟ ଭାରତ ଆକ୍ରମଣ କରିଥିଲେ ।

## ମହମ୍ମଦ ଘୋରୀଙ୍କ ଭାରତ ଆକ୍ରମଣ

ଦ୍ୱାଦଶ ଶତାବ୍ଦୀର ଶେଷ ଆଡ଼କୁ ଘୋର ରାଜ୍ୟର ଶାସକ ମହମ୍ମଦଘୋରୀ ଭାରତ ଆକ୍ରମଣ କରିଥିଲେ । ଉତ୍ତର ଭାରତ ଜୟ କରି ଏହାକୁ ନିଜ ରାଜ୍ୟରେ ମିଶାଇବା ତାଙ୍କର ଚରମ ଲକ୍ଷ୍ୟ ଥିଲା । ଭାରତର ଧନରତ୍ନ ମଧ୍ୟ ତାଙ୍କୁ ଭାରତ ଆକ୍ରମଣ କରିବା ପାଇଁ ପ୍ରେରଣା ଯୋଗାଇ ଥିଲା ।


ମହମ୍ମଦ ଘୋରୀ

ମହମ୍ମଦ ଘୋରୀ ୧୧୭୫ ଖ୍ରୀଷ୍ଟାବ୍ଦରେ ମୁଲତାନ ଅଧିକାର କରି ଭାରତ ଆକ୍ରମଣ ପାଇଁ ପଥ ପ୍ରସ୍ତୁତ କରିଥିଲେ । ଏହା ପରେ ସେ ସିନ୍ଧୁ ପ୍ରଦେଶ ଏବଂ ପଞ୍ଜାବ ଅଧିକାର କରି ଦିଲ୍ଲୀ ଆଡ଼କୁ ଅଗ୍ରସର ହେଲେ । ଦିଲ୍ଲୀରେ ସେତେବେଳେ ଚୌହାନ ବଂଶର ରାଜା ପୃଥ୍ୱୀରାଜ ଶାସନ କରୁଥିଲେ । ସେ ରାଜପୁତମାନଙ୍କୁ ସଂଗଠିତ କରି ସେମାନଙ୍କ ସହାୟତାରେ ମହମ୍ମଦ ଘୋରୀଙ୍କୁ ୧୧୯୧ ଖ୍ରୀଷ୍ଟାବ୍ଦରେ ତିରୋରୀଠାରେ ପରାସ୍ତ କରିଥିଲେ । ଏହା ଥିଲା ପ୍ରଥମ ତିରୋରୀ ଯୁଦ୍ଧ ।

**ତୁମେ ଜାଣିଛ କି?**
ମହମ୍ମଦ ଘୋରୀଙ୍କ ଅନ୍ୟନାମ ଥିଲା ସାହାବ୍-ଉଦ୍-ବିନ୍-ମହମ୍ମଦ ।

ରାଜପୁତମାନଙ୍କର କେଉଁ କେଉଁ ଗୁଣଥିବାରୁ ପୃଥ୍ୱୀରାଜ ସେମାନଙ୍କ ସହାୟତା ନେଇଥିଲେ ? ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।


ପୃଥ୍ୱୀରାଜ ଚୌହାନ

ମହମ୍ମଦ ଘୋରୀ ଏହି ପରାଜୟକୁ ଭୁଲି ପାରି ନଥିଲେ । ସେ ପୁନର୍ବାର ଭାରତ ଆକ୍ରମଣ କଲେ । ୧୧୯୨ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ତିରୋରୀ ଯୁଦ୍ଧରେ ସେ ପୃଥ୍ୱୀରାଜଙ୍କୁ ପରାସ୍ତ କରି ଦିଲ୍ଲୀ ଅଧିକାର କରିଥିଲେ । ଏହା ଦେଖି କନୌଜର ରାଠୋର ବଂଶୀୟ ଶାସକ ଜୟଚନ୍ଦ୍ର ରାଜପୁତମାନଙ୍କୁ ଏକତ୍ରିତ କରି ମହମ୍ମଦ ଘୋରୀଙ୍କୁ ଚାନ୍ଦୱାର (ଚାନ୍ଦେରୀ) ଯୁଦ୍ଧ କ୍ଷେତ୍ରରେ ଭେଟିଥିଲେ । ଏହି ଯୁଦ୍ଧରେ ମହମ୍ମଦ ଘୋରୀ ଜୟଚନ୍ଦ୍ରଙ୍କୁ ପରାଜିତ କରି ଭାରତରୁ ବିପୁଳ ଧନରତ୍ନ ସ୍ୱଦେଶକୁ ନେଇ ଯାଇଥିଲେ । ସେ ଯିବା ପରେ ତାଙ୍କର ମୁଖ୍ୟ ସେନାପତି କୁତବୁଦ୍ଦିନ ଆଇବାକ୍ ବୁନ୍ଦେଲଖଣ୍ଡ, କାଲିଞ୍ଜର ଏବଂ ମାହୋବା ଆଦି ଅଂଚଳ ଅଧିକାର କରିଥିଲେ । ତାଙ୍କର ଅନ୍ୟତମ ସେନାପତି ଇକ୍ତିୟାରଉଦ୍ଦିନ୍ ଖିଲଜୀ ବଙ୍ଗ ଏବଂ ବିହାର ଅଧିକାର କରିଥିଲେ । ମହମ୍ମଦ ଘୋରୀ ଲାହୋରଠାରେ ୧୨୦୬ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

**ତୁମେ ଜାଣିଛ କି?**
ମହମ୍ମଦ ଘୋରୀଙ୍କର ମୁଖ୍ୟ ସେନାପତି କୁତବୁଦ୍ଦିନ ଆଇବାକ୍ ଦିଲ୍ଲୀରେ 'ଦାସବଂଶ' ଶାସନ ପ୍ରତିଷ୍ଠା କରିଥିଲେ ।

পৃথ୍ୱୀରାଜ ଏବଂ ଜୟଚନ୍ଦ୍ରଙ୍କ ମଧ୍ୟରେ କି ସଂପର୍କ ରହିଥିଲା, ଅନ୍ୟମାନଙ୍କ ଠାରୁ ବୁଝି ଲେଖ ।

❖ ପୃଥ୍ୱୀରାଜଙ୍କ ବୀରତ୍ୱ ସଂପର୍କରେ ଚାନ୍ଦ ବର୍‌ଦାୟୀଙ୍କ 'ପୃଥ୍ୱୀରାଜ ରାସୋ' ଗ୍ରନ୍ଥରୁ ଜଣାପଡ଼େ ।

## (ଗ) ପ୍ରତିହାର, ଚୋଳ, ପାଣ୍ଡ୍ୟ, ହୟଶାଳ ଏବଂ ଯାଦବ ବଂଶ

ଭାରତର ରାଜନୈତିକ ପୃଷ୍ଠଭୂମିରେ ଅଷ୍ଟମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଅନେକ ରାଜବଂଶର ଉତ୍‌ଥାନ ଘଟିଥିଲା । ପ୍ରତିହାରମାନେ ଉତ୍ତର ଭାରତରେ ଶାସନ କରୁଥିଲାବେଳେ ଦକ୍ଷିଣ ଭାରତରେ ଚୋଳ, ପାଣ୍ଡ୍ୟ, ହୟଶାଳ ଏବଂ ଯାଦବ ବଂଶର ଶାସକମାନେ ଶାସନ କରୁଥିଲେ ।




ପ୍ରତିହାର, ଚୋଳ, ପାଣ୍ଡ୍ୟ, ହୟଶାଳ ଓ ଯାଦବ ବଂଶର ରାଜ୍ୟ ।

### ପ୍ରତିହାର ବଂଶ:

ପ୍ରତିହାରମାନେ ଥିଲେ ଏକ ଶକ୍ତିଶାଳୀ ରାଜପୁତ ଜାତି । 'ପ୍ରତିହାର'ର ଅର୍ଥ ଜଗୁଆଳୀ । ସେତେବେଳେ ଉତ୍ତର-ପଶ୍ଚିମ ଗିରିପଥ ଦେଇ ଭାରତ ମଧ୍ୟକୁ ବହୁ ବୈଦେଶିକ ଶତ୍ରୁ ପ୍ରବେଶ କରୁଥିଲେ । ସେମାନଙ୍କୁ ପ୍ରତିରୋଧ କରି ଗିରିପଥକୁ ଜଗୁଥିବାରୁ ପ୍ରତିହାରମାନଙ୍କର ସେହିପରି ନାମକରଣ ହୋଇଥିବାର ଅନୁମାନ କରାଯାଏ ।

ଭାରତ ମାନଚିତ୍ର ଦେଖି ଉତ୍ତର ଭାରତର ରାଜପୁତ ରାଜ୍ୟ ସମୂହର ଏବଂ ଦକ୍ଷିଣ ଭାରତର ରାଜ୍ୟ ସମୂହର ନାମ ଲେଖ ।

ପ୍ରତିହାର ବଂଶର ରାଜାମାନଙ୍କ ମଧ୍ୟରେ ପ୍ରଥମ ମିହିର ଭୋଜ ଥିଲେ ଅନ୍ୟତମ । ସେ ୮୪୦ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ଯୁଦ୍ଧ ଏବଂ ରାଜ୍ୟଜୟ ଦ୍ୱାରା ସେ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ । ସେ ୮୯୦ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ପରେ ତାଙ୍କର ପୁତ୍ର ମହେନ୍ଦ୍ର ପାଳ ୮୯୦ ଖ୍ରୀଷ୍ଟାବ୍ଦରୁ ୯୦୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ବଙ୍ଗ ଅଧିକାର କରି ତାହାକୁ ନିଜ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । ପ୍ରତିହାରମାନଙ୍କର ରାଜଧାନୀ ଥିଲା

**ତୁମେ ଜାଣିଛ କି?**

❖ ପ୍ରତିହାରମାନଙ୍କୁ ମଧ୍ୟ ଗୁର୍ଜର-ପ୍ରତିହାର କୁହାଯାଏ ।

❖ ପ୍ରତିହାରମାନଙ୍କର ରାଜ୍ୟ ଉତ୍ତରରେ କାଶ୍ମୀରଠାରୁ ଦକ୍ଷିଣରେ ନର୍ମଦା ନଦୀ ପର୍ଯ୍ୟନ୍ତ ଓ ପଶ୍ଚିମରେ କାଥିଆୱାଡ଼୍ ଠାରୁ ପୂର୍ବରେ ବିହାର ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

❖ 'କାବ୍ୟ ମୀମାଂସା' ପୁସ୍ତକ ରାଜଶେଖରଙ୍କ ଦ୍ୱାରା ରଚିତ ହୋଇଥିଲା ।

କନୌଜ । ଏମାନେ ବିଷ୍ଣୁ ଏବଂ ସୂର୍ଯ୍ୟଙ୍କ ଉପାସକ ଥିଲେ । ସେମାନଙ୍କ ରାଜଦରବାରରେ ବହୁ କବି ଏବଂ ବିଦ୍ୱାନମାନେ ସ୍ଥାନ ପାଇଥିଲେ । ସେମାନଙ୍କ ମଧ୍ୟରୁ ରାଜଶେଖର ଥିଲେ ଅନ୍ୟତମ ।

## ଚୋଳ ବଂଶ:

ଦଶମ ଶତାବ୍ଦୀରେ ଦକ୍ଷିଣ ଭାରତରେ ସୃଷ୍ଟି ହୋଇଥିବା ରାଜ୍ୟମାନଙ୍କ ମଧ୍ୟରୁ ଚୋଳ ରାଜ୍ୟ ଥିଲା ଅନ୍ୟତମ । ଏହାର ରାଜା ପ୍ରଥମ ରାଜରାଜ ୯୮୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ଚାଲୁକ୍ୟ, ପାଣ୍ଡ୍ୟ ଏବଂ ଚେରିମାନଙ୍କୁ ପରାସ୍ତ କରିଥିଲେ । ସେ ମଧ୍ୟ ବେଙ୍ଗୀ (ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ) ଅଧିକାର କରିଥିଲେ । ଚେରିମାନଙ୍କୁ ପରାସ୍ତ କରି ସେ ତାଙ୍କଠାରୁ ଏକ ବିଶାଳ ନୌବାହିନୀ ଛଡ଼ାଇ ଆଣିଥିଲେ । ବିଭିନ୍ନ ରାଜ୍ୟ ଜୟକରି ସେ ଏକ ବିଶାଳ ସାମ୍ରାଜ୍ୟ ସୃଷ୍ଟି କରିଥିଲେ । ସେ ୧୦୦୦ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜ୍ୟର ଜମିମାପ କାର୍ଯ୍ୟ ସମାପ୍ତ କରିଥିଲେ ।

ମାନଚିତ୍ର ଦେଖି ଚୋଳମାନଙ୍କର ରାଜ୍ୟ ଏବଂ ସେମାନଙ୍କର ପଡୋଶୀ ରାଜ୍ୟମାନ ଚିହ୍ନଟ କର ।

ପ୍ରଥମ ରାଜରାଜ ଧର୍ମ କ୍ଷେତ୍ରରେ ସହନଶୀଳତା ଅବଲମ୍ବନ କରିଥିଲେ । ତାଞ୍ଜୋରଠାରେ ଥିବା ରାଜ ରାଜେଶ୍ୱର ଶିବ ମନ୍ଦିର ଓ ବିଷ୍ଣୁ ମନ୍ଦିର ତାଙ୍କର ଅକ୍ଷୟ କୀର୍ତ୍ତି । ସେ ମଧ୍ୟ ନେଗାପତ୍ତନମ୍‌ଠାରେ ଏକ ବୌଦ୍ଧ ମନ୍ଦିର ନିର୍ମାଣରେ ସହାୟତା କରିଥିଲେ । ସେ ସମୁଦ୍ର ପଥରେ ମସଲା, ଚା, ମୂଲ୍ୟବାନ ପଥର, କାର୍ପାସ ବସ୍ତ୍ର ଆଦି ପଶ୍ଚିମ ଏସିଆକୁ ପଠାଇ ବହୁ ଅର୍ଥ ଉପାର୍ଜନ କରି ନିଜ ରାଜ୍ୟକୁ ସମୃଦ୍ଧ କରିଥିଲେ ।

### ତୁମେ ଜାଣିଛ କି?

ମୁତ୍ତାରାୟର ନାମକ ଏକ ଛୋଟ ଶାସକ ବଂଶ କାବେରୀ ନଦୀର ତ୍ରିକୋଣ ଭୂମି ଅଂଚଳରେ ବାସ କରୁଥିଲେ । ସେମାନେ କାଞ୍ଚିପୁରମ୍‌ର ପଲ୍ଲବ ରାଜବଂଶର କରଦ ରାଜା ଥିଲେ । ଉରାୟୁରର ଚୋଳ ବଂଶର ବିଜୟାଳୟ ମୁତ୍ତାରାୟରମାନଙ୍କୁ ପରାସ୍ତକରି ତାଞ୍ଜାଭୁର (ତାଞ୍ଜୋର) ନଗର ସ୍ଥାପନ କଲେ । ତାଙ୍କର ପରବର୍ତ୍ତୀ ବଂଶଧରମାନେ ପଲ୍ଲବ ଏବଂ ପାଣ୍ଡ୍ୟ ରାଜ୍ୟ ଅଧିକାର କରି ଚୋଳ ସାମ୍ରାଜ୍ୟ ସୃଷ୍ଟି କଲେ ।

ଧର୍ମ କ୍ଷେତ୍ରରେ ସହନଶୀଳ ହେବା ପାଇଁ ଜଣେ ରାଜାଙ୍କଠାରେ କେଉଁ କେଉଁ ଗୁଣ ରହିବା ଆବଶ୍ୟକ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ପ୍ରଥମ ରାଜରାଜଙ୍କ ପରେ ତାଙ୍କ ପୁତ୍ର ରାଜେନ୍ଦ୍ର ଚୋଳ ୧୦୧୨ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ପିତାଙ୍କ ପରି ସେ ଥିଲେ ଜଣେ ବିଚକ୍ଷଣ ଯୋଦ୍ଧା । ତାଙ୍କ ସମୟରେ ନୌବାହିନୀର ଦକ୍ଷତା ବୃଦ୍ଧି ପାଇଥିଲା । ସେ ପଲ୍ଲବ ଏବଂ ଗଙ୍ଗମାନଙ୍କୁ ପରାସ୍ତ କରିବା ସହିତ ଓଡ଼ିଶା ମଧ୍ୟ ଦେଇ ସୈନ୍ୟ ଚାଳନା କରି ଗଙ୍ଗାନଦୀ କୂଳରେ ପାଳମାନଙ୍କୁ ପରାସ୍ତ କରିଥିଲେ । ସେ ନିଜର ସୁଦୃଢ଼ ନୌବାହିନୀ ସାହାଯ୍ୟରେ ସିଂହଳ ଅଧିକାର କରିଥିଲେ । ସେ ମଧ୍ୟ ଦକ୍ଷିଣ-ପୂର୍ବ ଏସିଆର କେତେକ ରାଜ୍ୟ ଜୟ କରିଥିଲେ । ଏହା ଦ୍ୱାରା ଏକ ବିଶାଳ ଚୋଳ ସାମ୍ରାଜ୍ୟ ଗଠିତ ହୋଇଥିଲା ।

ରାଜେନ୍ଦ୍ର ଚୋଳ ଥିଲେ ଜଣେ ଜନମଙ୍ଗଳକାରୀ ରାଜା । କୃଷିର ଉନ୍ନତି ପାଇଁ ସେ ବହୁ କେନାଲ ଏବଂ ହ୍ରଦ ଖନନ କରିବା ସହିତ ଅନେକ ନଦୀବନ୍ଧ ମଧ୍ୟ ନିର୍ମାଣ କରିଥିଲେ । ତାଙ୍କ ଆଦେଶରେ ଚୋଳ ରାଜ୍ୟରେ ବହୁ ଦେବଦେବୀ, ରାଜା ଓ ରାଣୀଙ୍କର ସୁନ୍ଦର ସୁନ୍ଦର ମୂର୍ତ୍ତିମାନ ନିର୍ମାଣ କରାଯାଇଥିଲା । ସେଗୁଡ଼ିକ ମଧ୍ୟରୁ ନୃତ୍ୟ ମୁଦ୍ରାରେ ଶିବ ବା ନଟରାଜଙ୍କ ମୂର୍ତ୍ତି ଅତ୍ୟନ୍ତ ମନୋରମ ଓ ଆକର୍ଷଣୀୟ । ଚୋଳମାନଙ୍କର ରାଜଧାନୀ ଥିଲା ତାଞ୍ଜାଭୁର (ତାଞ୍ଜୋର) ।

ତ୍ରୟୋଦଶ ଶତାବ୍ଦୀର ଶେଷଭାଗକୁ ରାଜେନ୍ଦ୍ର ଚୋଳଙ୍କର ଉତ୍ତରାଧିକାରୀମାନେ ଅତ୍ୟନ୍ତ ଦୁର୍ବଳ ହୋଇଥିଲେ । ଏହା ଫଳରେ ମୁସଲମାନଙ୍କ ଆକ୍ରମଣ ଦ୍ୱାରା ଚୋଳ ରାଜ୍ୟର ପତନ ଘଟିଲା ।



ନଟରାଜ

ନଦୀବନ୍ଧ ହେବା ଦ୍ୱାରା ଲୋକମାନଙ୍କର କି କି ଉପକାର ହୋଇଥିବ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରଗୁଡ଼ିକ ଥିଲା ଜନବସତିର କେନ୍ଦ୍ରବିନ୍ଦୁ । ଏହି ମନ୍ଦିରଗୁଡ଼ିକର ଚାରିପାଖରେ ଜନବସତି ଗଢ଼ି ଉଠିଥିଲା । ମନ୍ଦିରଗୁଡ଼ିକ ଅଧୀନରେ ବହୁ ଜମି ରହିଥିଲା । ମନ୍ଦିରର ପୂଜକ, ମାଳାକାର, ପାଚକ, ବାଦ୍ୟ-ବାଦକ, ନୃତ୍ୟ-ପରିବେଷଣକାରୀମାନେ ମନ୍ଦିର ପାଖ ବସତିରେ ଅବସ୍ଥାନ କରୁଥିଲେ । ସମୟକ୍ରମେ ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରଗୁଡ଼ିକ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନର କେନ୍ଦ୍ରବିନ୍ଦୁ ରୂପେ ପରିଗଣିତ ହୋଇଥିଲା ।

ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରଗୁଡ଼ିକ କେଉଁ କେଉଁ କାର୍ଯ୍ୟ ସବୁ ତୁଲାଉଥିଲା, ଅନ୍ୟମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଲେଖ ।

ଚୋଳମାନେ କୃଷି ଏବଂ ଜଳସେଚନ ଉପରେ ଗୁରୁତ୍ୱ ଦେଉଥିଲେ । କାବେରୀ ନଦୀରୁ କେନାଲ ମାଧ୍ୟମରେ ଜଳସେଚନର ବ୍ୟବସ୍ଥା କରାଯାଉଥିଲା । ହ୍ରଦ ଏବଂ ପୁଷ୍କରିଣୀ ଖନନ କରି ଏହା ମାଧ୍ୟମରେ ଜଳସେଚନର ବ୍ୟବସ୍ଥା କରାଯାଉଥିଲା । ଉନ୍ନତ କୃଷି ଫଳରେ ଚୋଳମାନଙ୍କର ରାଜ୍ୟ ଶସ୍ୟଶ୍ୟାମଳା ହୋଇପାରିଥିଲା ।

ଚୋଳମାନେ ଏକ ଉତ୍କୃଷ୍ଟ ଶାସନର ପ୍ରବର୍ତ୍ତକ ଥିଲେ । ରାଜା ଥିଲେ କେନ୍ଦ୍ର ଶାସନର ମୁଖ୍ୟ । ତାଙ୍କୁ ଉପଦେଶ ଦେବା ପାଇଁ ଏକ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । ଯୁଦ୍ଧ, ରାଜସ୍ୱ ଆଦାୟ, ନ୍ୟାୟ ପ୍ରଦାନ ଆଦି କେନ୍ଦ୍ରୀୟ ଶାସନର ପରିସରଭୁକ୍ତ ଥିଲା । କୃଷକମାନଙ୍କୁ ନେଇ ଗଢ଼ି ଉଠିଥିବା ଗ୍ରାମକୁ 'ଉର୍' କୁହାଯାଉଥିଲା । କେତେଗୁଡ଼ିଏ ଉର୍‌କୁ ନେଇ ଏକ ଗ୍ରାମ ପରିଷଦ ଗଠିତ ହୋଇଥିଲା, ଯାହାର ନାମ ଥିଲା 'ନାଡୁ'। ବେଲ୍ଲାଳ ଜାତିର ଧନୀ କୃଷକମାନେ ନାଡୁର ଶାସନକୁ ନିୟନ୍ତ୍ରଣ କରୁଥିଲେ ।

ବର୍ତ୍ତମାନର ଶାସନ ବ୍ୟବସ୍ଥା ସହିତ ଚୋଳମାନଙ୍କର ଶାସନ ବ୍ୟବସ୍ଥାର ଏକ ତୁଳନାତ୍ମକ ବିବରଣୀ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ଚୋଳ ରାଜାମାନେ ବ୍ରାହ୍ମଣମାନଙ୍କୁ ଜମି ଦାନ କରୁଥିଲେ । ବ୍ରାହ୍ମଣମାନେ ବାସ କରୁଥିବା ଗ୍ରାମଗୁଡ଼ିକୁ 'ବ୍ରହ୍ମଦେୟ' କୁହାଯାଉଥିଲା । ପ୍ରତ୍ୟେକ ବ୍ରହ୍ମଦେୟର ଶାସନ ବ୍ରାହ୍ମଣମାନଙ୍କୁ ନେଇ ଗଠିତ 'ସଭା' ଦ୍ୱାରା ପରିଚାଳିତ ହେଉଥିଲା । ସଭା ବିଭିନ୍ନ କମିଟି ବା 'ଭାରିୟମ'ର ସଦସ୍ୟମାନଙ୍କୁ ନିର୍ବାଚିତ କରି ସେମାନଙ୍କ ସାହାଯ୍ୟରେ ଗ୍ରାମର ବଗିଚା, ପୋଖରୀ, ଜଳସେଚନ, ମନ୍ଦିର ଆଦିର ଉନ୍ନତି ମୂଳକ କାର୍ଯ୍ୟମାନ ତଦାରଖ କରୁଥିଲା । ଚୋଳମାନଙ୍କର ଏହି ଗ୍ରାମଶାସନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

### ତୁମେ ଜାଣିଛ କି?

'ଭାରିୟମ'ର ସଦସ୍ୟ ମାନଙ୍କୁ ନିର୍ବାଚିତ କରିବା ପାଇଁ ଏକ ଲଟେରୀ ବ୍ୟବସ୍ଥା ପ୍ରଚଳିତ ଥିଲା । ଗୋଟିଏ ପାତ୍ରରେ ବିଭିନ୍ନ ବ୍ୟକ୍ତିମାନଙ୍କର ନାମ ତାଳପତ୍ରରେ ଲେଖି ରଖାଯାଉଥିଲା । ଜଣେ ବାଳକକୁ ଡାକି ସେଥିରୁ ଗୋଟିଏ ପତ୍ର ଉଠାଇବାକୁ କୁହାଯାଉଥିଲା । ଉଠାଯାଇଥିବା ତାଳପତ୍ରରେ ଯେଉଁ ବ୍ୟକ୍ତିର ନାମ ଲେଖା ଯାଇଥିଲା, ସେ ନିର୍ବାଚିତ ହେଉଥିଲା ।

## ପାଣ୍ଡ୍ୟବଂଶ:




ମଧ୍ୟଯୁଗରେ ପାଣ୍ଡ୍ୟ ବଂଶ ଦକ୍ଷିଣ ଭାରତରେ ପ୍ରାଧାନ୍ୟ ଲାଭ କରିଥିଲା । ପାଣ୍ଡ୍ୟ ରାଜାମାନଙ୍କ ମଧ୍ୟରେ ପ୍ରଥମ ଜଟାବର୍ମନ ସୁନ୍ଦର ପାଣ୍ଡ୍ୟ (୧୨୫୧ ଖ୍ରୀଷ୍ଟାବ୍ଦ-୧୨୬୮ ଖ୍ରୀଷ୍ଟାବ୍ଦ) ଥିଲେ ଶକ୍ତିଶାଳୀ । ସେ ଚେର, ହୟଶାଳ, ଚୋଳ, କାଡଭ ଏବଂ ସିଂହଳୀମାନଙ୍କୁ ପରାଜିତ କରିଥିଲେ । ସେ 'ମହାରାଜାଧିରାଜ ଶ୍ରୀ ପରମେଶ୍ୱର' ଉପାଧିରେ ଭୂଷିତ ହୋଇଥିଲେ । ତାଙ୍କପରେ ମାରବର୍ମନ କୁଳଶେଖର ପାଣ୍ଡ୍ୟ (୧୨୬୮ ଖ୍ରୀଷ୍ଟାବ୍ଦ - ୧୩୧୦ ଖ୍ରୀଷ୍ଟାବ୍ଦ) ଶାସନ କରିଥିଲେ । ସେ ତୃତୀୟ ରାଜେନ୍ଦ୍ର ଚୋଳ ଏବଂ ରାମନାଥ ହୟଶାଳଙ୍କୁ ପରାଜିତ କରି ସେମାନଙ୍କ ରାଜ୍ୟ ଅଧିକାର କରିଥିଲେ । ତାଙ୍କ ସମୟରେ ପରିବ୍ରାଜକ ମାର୍କୋପୋଲୋ । ଭାରତ ଭ୍ରମଣରେ ଆସିଥିଲେ । କୁଳଶେଖରଙ୍କ ପରେ ତାଙ୍କର ଉତ୍ତରାଧିକାରୀମାନେ ଦୁର୍ବଳ ହୋଇ ପଡ଼ିଲେ । ମୁସଲମାନମାନଙ୍କ ଆକ୍ରମଣ ଫଳରେ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରଥମ ଭାଗରେ ପାଣ୍ଡ୍ୟମାନଙ୍କର ପତନ ଘଟିଥିଲା ।

ଭାରତ ପରିଭ୍ରମଣ କରିଥିବା ମାର୍କୋପୋଲୋଙ୍କ ପରି ଅନ୍ୟ ପରିବ୍ରାଜକମାନଙ୍କ ନାମ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

ପାଣ୍ଡ୍ୟ ରାଜ୍ୟର ରାଜଧାନୀ ଥିଲା ମଦୁରା (ବର୍ତ୍ତମାନ ତାମିଲନାଡୁର ମଦୁରାଇ ସହର) । କୟଲ ଥିଲା ତାଙ୍କ ରାଜ୍ୟର ବୃହତ୍ତମ ବନ୍ଦର। ଆରବ ସାଗର ଏବଂ ଚୀନରୁ ବହୁତ ଜାହାଜ ଏଠାକୁ ଆସୁଥିଲା । ଏହା ଦ୍ୱାରା ବହୁ ବୈଦେଶିକ ଶକ୍ତି ସହିତ ପାଣ୍ଡ୍ୟ ରାଜ୍ୟର ବାଣିଜ୍ୟିକ ସଂପର୍କ ରହିଥିଲା । ପାଣ୍ଡ୍ୟ ରାଜ୍ୟର ଲୋକମାନେ ପ୍ରାୟ ହିନ୍ଦୁ ଧର୍ମ ଗ୍ରହଣ କରିଥିଲେ । ସେହି ରାଜ୍ୟରେ ଜୈନମାନଙ୍କର ସଂଖ୍ୟା ଖୁବ୍ କମ୍ ଥିଲା । ବୌଦ୍ଧଧର୍ମର ସତ୍ତା ପାଣ୍ଡ୍ୟ ରାଜ୍ୟରେ ନଥିଲା । ନୌବାଣିଜ୍ୟ ତଥା ବୀରତ୍ୱ ପାଇଁ ପାଣ୍ଡ୍ୟମାନେ ସ୍ମରଣୀୟ ହୋଇପାରିଛନ୍ତି ।

କୟଲ ବନ୍ଦର କେଉଁ କେଉଁ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିଲା, ଲେଖ ।

## ହୟଶାଳ ବଂଶ:

ହୟଶାଳ ବଂଶ ଆଧୁନିକ ମହୀଶୂରଠାରେ ରାଜ୍ୟ ଶାସନ କରୁଥିଲେ । ଏହି ବଂଶର ରାଜାମାନଙ୍କ ମଧ୍ୟରେ ବିଟ୍ଟିଗ ବା ବିଷ୍ଣୁବର୍ଦ୍ଧନ ଥିଲେ ଅନ୍ୟତମ। ସେ ଦ୍ୱାରସମୁଦ୍ରଠାରେ ରାଜଧାନୀ ସ୍ଥାପନ କରିଥିଲେ । ସେ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ ।

ଦ୍ୱିତୀୟ ବୀରବଲ୍ଲାଳ ଏହି ବଂଶର ଅନ୍ୟତମ ନରପତି ଥିଲେ । ସେ ଚାଲୁକ୍ୟ ଏବଂ ଯାଦବମାନଙ୍କ ସହିତ ଯୁଦ୍ଧ କରି ନିଜ ରାଜ୍ୟକୁ ରକ୍ଷା କରିବା ପାଇଁ ସମର୍ଥ ହୋଇଥିଲେ । ତୃତୀୟ ବୀରବଲ୍ଲାଳ ଥିଲେ ଏହି ବଂଶର ଶେଷ ରାଜା । ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟ ଭାଗରେ ମୁସଲମାନ ଆକ୍ରମଣ ଫଳରେ ହୟଶାଳ ବଂଶର ପତନ ଘଟିଥିଲା ।

## ଯାଦବ ବଂଶ:

କଲ୍ୟାଣୀରେ ରାଜୁତି କରୁଥିବା ଚାଲୁକ୍ୟମାନଙ୍କର ପତନ ପରେ ଦକ୍ଷିଣ ଭାରତରେ ଯାଦବ ବଂଶର ଶାସନ ଆରମ୍ଭ ହୋଇଥିଲା । ଯାଦବମାଙ୍କର ରାଜଧାନୀ ଥିଲା ଦେବଗିରି (ମହାରାଷ୍ଟ୍ରର ଦୌଲତାବାଦ ସହର) । ଭିଲ୍ଲିମା ଏହି ବଂଶର ଜଣେ ପ୍ରସିଦ୍ଧ ନରପତି ଥିଲେ । ତାଙ୍କର ପୁତ୍ର ଜୈତୁଗୀ ବା ଜୈତ୍ରପାଳ କାକତୀୟମାନଙ୍କୁ ଯୁଦ୍ଧରେ ପରାଜିତ କରିଥିଲେ ।

**ତୁମେ ଜାଣିଛ କି?**

ଦିଲ୍ଲୀର ସୁଲତାନ ଆଲ୍ଲାଉଦ୍ଦିନ ଖାଲ୍‌ଜୀଙ୍କ ସେନାପତି ମାଲିକ୍ କାଫୁର ଦକ୍ଷିଣ ଭାରତର ରାଜାମାନଙ୍କୁ ପରାଜିତ କରି ସେମାନଙ୍କର ରାଜ୍ୟ ଅଧିକାର କରିଥିଲେ ।

ଜୈତ୍ରପାଳଙ୍କ ପରେ ସିଂହଣ ଯାଦବ ବଂଶର ରାଜା ହୋଇଥିଲେ । ଯୁଦ୍ଧ ଏବଂ ରାଜ୍ୟ ଜୟ ମାଧ୍ୟମରେ ସେ ଯାଦବ ରାଜ୍ୟକୁ ବିସ୍ତାର କରିଥିଲେ। ରାମଚନ୍ଦ୍ର ଦେବ ଥିଲେ ଏହି ବଂଶର ଜଣେ ଶକ୍ତିଶାଳୀ ରାଜା । ତାଙ୍କ ସମୟରେ ଦିଲ୍ଲୀର ସୁଲତାନ ଆଲ୍ଲାଉଦ୍ଦିନ ଖିଲ୍‌ଜୀ ଦେବଗିରି ଆକ୍ରମଣ କରି ବହୁ ଧନରତ୍ନ ଲୁଣ୍ଠନ କରି ନେଇ ଯାଇଥିଲେ । ରାମଚନ୍ଦ୍ର ଦେବଙ୍କପରେ ଶଙ୍କର ଦେବ ଏବଂ ହରପାଳ ଦେବ ଶାସନ କରିଥିଲେ । ଚତୁର୍ଦ୍ଦଶ ଶତାବ୍ଦୀର ପ୍ରଥମ ଭାଗରେ ମୁସଲମାନ ଆକ୍ରମଣ ଫଳରେ ଯାଦବ ବଂଶର ପତନ ଘଟିଥିଲା ।

ଜୈତ୍ରପାଳ ନିଜ ସାମ୍ରାଜ୍ୟ ବିସ୍ତାର ପାଇଁ କି କି ପଦକ୍ଷେପ ନେଇଥିବେ, ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

## (ଘ) ଓଡ଼ିଶାରେ ସୋମବଂଶୀ ଶାସନ : ରାଜନୈତିକ ଏବଂ ସାଂସ୍କୃତିକ କୃତିତ୍ୱ

ଦୀର୍ଘ ଦୁଇଶହ ବର୍ଷର ସୋମବଂଶୀ ଶାସନ ଓଡ଼ିଶାର ରାଜନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଏହା ରାଜନୈତିକ ସ୍ଥିରତା ଆଣିବା ସହିତ ଓଡ଼ିଶାର କଳା ଓ ସ୍ଥାପତ୍ୟକୁ ସମୃଦ୍ଧ କରିଥିଲା ।

### ରାଜନୈତିକ କୃତିତ୍ୱ:

ସୋମବଂଶୀମାନେ ଥିଲେ ଚନ୍ଦ୍ରବଂଶୀୟ କ୍ଷତ୍ରୀୟ । ସୋମବଂଶ ମଧ୍ୟ କେଶରୀ ବଂଶ ନାମରେ ପ୍ରସିଦ୍ଧ । ଏହି ବଂଶର ଶାସକ ପ୍ରଥମ ଜନ୍ମେଜୟଙ୍କ ପୂର୍ବରୁ କିଛି ରାଜା ଶାସନ କରିଥିଲେ ମଧ୍ୟ ସେମାନଙ୍କର କୃତିତ୍ୱ ଉଲ୍ଲେଖନୀୟ ନ ଥିଲା । ୮୮୨ ଖ୍ରୀଷ୍ଟାବ୍ଦରେ ଜନ୍ମେଜୟ ସିଂହାସନ ଆରୋହଣ କରିଥିଲେ । ସେ ଭଞ୍ଜବଂଶର ରାଜା ରଣଭଞ୍ଜ ଦେବଙ୍କୁ ପରାସ୍ତ କରିଥିଲେ । କଳଚୁରୀମାନେ ମଧ୍ୟ ତାଙ୍କଠାରୁ ପରାଜିତ ହୋଇଥିଲେ । ସେ ନିଜକୁ 'ପରମେଶ୍ୱର', 'ପରମ ଭଟ୍ଟାରକ' ଏବଂ 'ତ୍ରିକଳିଙ୍ଗାଧିପତି' ଆଦି ଉପାଧିରେ ଭୂଷିତ କରିଥିଲେ । ତାଙ୍କ ରାଜ୍ୟର ରାଜଧାନୀ ଥିଲା ସୁବର୍ଣ୍ଣପୁର (ବର୍ତ୍ତମାନର ସୋନପୁର) ।

ଜନ୍ମେଜୟ ବହୁ ଉପାଧି ବହନ କରିଥିବା କଥା ତମେ ଜାଣିଲ । ସେ ସମୟରେ ରାଜାମାନେ ଆଉ କେଉଁ କେଉଁ ଉପାଧିରେ ଭୂଷିତ ହେଉଥିଲେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଜନ୍ମେଜୟଙ୍କ ପରେ ପ୍ରଥମ ଯଯାତି ୯୨୨ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ପ୍ରଥମେ ସୁବର୍ଣ୍ଣପୁରରୁ ବିନୀତପୁର ଏବଂ ଏହା ପରେ ଯଯାତିନଗରକୁ ନିଜର ରାଜଧାନୀ ସ୍ଥାନାନ୍ତରିତ କରିଥିଲେ । ସେ ମଧ୍ୟ କଳଚୁରୀମାନଙ୍କୁ ପରାଜିତ କରିଥିଲେ । ସେ ଭଞ୍ଜମାନଙ୍କୁ ପରାଜିତ କରିବା ସହିତ ଉତ୍କଳରେ ରାଜୁତି କରୁଥିବା ଭୌମକରମାନଙ୍କ ରାଜ୍ୟର କିଛି ଅଂଶ ଅଧିକାର କରିଥିଲେ ।

ଓଡ଼ିଶା ମାନଚିତ୍ର ଆଙ୍କି ଏଥିରେ ବିରଜା କ୍ଷେତ୍ରକୁ ଚିହ୍ନାଅ ।

ପ୍ରଥମ ଯଯାତିଙ୍କ ପରେ ଭୀମରଥ, ଧର୍ମରଥ, ଏବଂ ନହୁଷ ଶାସନ କରିଥିଲେ । ଏହା ପରେ ଦ୍ୱିତୀୟ ଯଯାତି ୧୦୨୩ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ଭୌମକରମାନଙ୍କୁ ପରାସ୍ତ କରି ଉତ୍କଳ ଅଧିକାର କରିଥିଲେ । ସେ ନିଜକୁ 'ମହାରାଜାଧିରାଜ' ଉପାଧିରେ ଭୂଷିତ କରିଥିଲେ । ସେ ଥିଲେ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ । ଜନଶ୍ରୁତି ଅନୁସାରେ ସେ କନୌଜରୁ ଯାଜପୁରକୁ ୧୦,୦୦୦ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଆଣିଥିଲେ । ତାଙ୍କ ପରେ ଉଦ୍ୟୋତ କେଶରୀ, ଦ୍ୱିତୀୟ ଜନ୍ମେଜୟ, ପୁରଞ୍ଜୟ ଆଦି ରାଜାମାନେ ଶାସନ କରିଥିଲେ । ସୋମବଂଶର ଶେଷ ରାଜା କର୍ଣ୍ଣଦେବ ବା କର୍ଣ୍ଣକେଶରୀଙ୍କୁ ପରାସ୍ତ କରି ୧୧୧୦ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ରାଜା ଚୋଡଗଙ୍ଗଦେବ ଉତ୍କଳ ଅଧିକାର କରିଥିଲେ ।

**ତୁମେ ଜାଣିଛ କି?**

- ସୋମବଂଶୀମାନଙ୍କ ସମୟରେ ବିରଜା କ୍ଷେତ୍ର ଥିଲା ଏକ ଧର୍ମପୀଠ ।
- ଏହା ଯାଜପୁର ଜିଲ୍ଲାର ବୈତରଣୀ ନଦୀ କୂଳରେ ଅବସ୍ଥିତ ଏବଂ ବିରଜା ମନ୍ଦିର, ନାଭିଗୟା, ଦଶାଶ୍ୱମେଧ ଘାଟ ତଥା ସପ୍ତମାତୃକା ପୀଠ ପାଇଁ ବିଖ୍ୟାତ ।

## ସାଂସ୍କୃତିକ କୃତିତ୍ୱ:-

ସୋମବଂଶୀମାନଙ୍କର ମନ୍ଦିର ନିର୍ମାଣ ଶୈଳୀ ଅତି ସୁନ୍ଦର ଥିଲା । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର ଏବଂ ଚଣ୍ଡିଖୋଲର ମହାବିନାୟକ ମନ୍ଦିର ଆଦି ସୋମବଂଶୀମାନଙ୍କର ପ୍ରମୁଖ କୀର୍ତ୍ତି । ମନ୍ଦିରଗୁଡ଼ିକର ସ୍ଥାପତ୍ୟ ଏବେ ମଧ୍ୟ ପର୍ଯ୍ୟଟକମାନଙ୍କୁ ମୁଗ୍ଧ କରିଥାଏ । ସେ ସମୟରେ ନିର୍ମିତ ମନ୍ଦିରଗୁଡ଼ିକ ମଧ୍ୟରୁ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପ୍ରସିଦ୍ଧ । ଦ୍ୱିତୀୟ ଯଯାତିଙ୍କ ସମୟରେ ଏହି ମନ୍ଦିର ନିର୍ମିତ ହୋଇଥିଲା । ଦେଉଳର ଉଚ୍ଚତା ପ୍ରାୟ ୫୫ ମିଟର । ଦେଉଳ, ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପର ସମଷ୍ଟିରେ ଏହି ମନ୍ଦିର ଗଠିତ । ଏହି ବିରାଟ ମନ୍ଦିର ଚାରି ପାଖରେ ଅନେକ ଗୁଡ଼ିଏ ଛୋଟ ଛୋଟ ମନ୍ଦିର ରହିଅଛି । ଲିଙ୍ଗରାଜ ମନ୍ଦିର କଳିଙ୍ଗ ସ୍ଥାପତ୍ୟର ସର୍ବଶ୍ରେଷ୍ଠ ନିଦର୍ଶନ ।

**ତୁମେ ଜାଣିଛ କି?**

ଭୁବନେଶ୍ୱରରେ ଥିବା ରାଜାରାଣୀ ମନ୍ଦିରରେ କୌଣସି ଦେବତା ପୂଜା ପାଆନ୍ତି ନାହିଁ ।

ତୁମ ଅଂଚଳରେ ଥିବା ବିଭିନ୍ନ ମନ୍ଦିରର ନାମ ଲେଖି ସେଗୁଡ଼ିକ କାହିଁକି ପ୍ରସିଦ୍ଧ, ଉଲ୍ଲେଖ କର ।



ଲିଙ୍ଗରାଜ ମନ୍ଦିର

## (ଙ) ଓଡ଼ିଶାରେ ଗଙ୍ଗବଂଶର ଶାସନ:

### ଚୋଡ଼ଗଙ୍ଗଦେବ, ପ୍ରଥମ ନରସିଂହଦେବ, ପୁରୀର ଜଗନ୍ନାଥ ମନ୍ଦିର ଏବଂ କୋଣାର୍କର ସୂର୍ଯ୍ୟ ମନ୍ଦିର:

ସୋମବଂଶୀ ଶାସନର ଅବସାନ ପରେ ଓଡ଼ିଶାରେ ଗଙ୍ଗବଂଶର ରାଜତ୍ୱ ଆରମ୍ଭ ହୋଇଥିଲା । ଦୀର୍ଘ ତିନିଶହ ବର୍ଷର ଗଙ୍ଗମାନଙ୍କର ଏହି ଶାସନ ମଧ୍ୟଯୁଗୀୟ ଓଡ଼ିଶାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଓଡ଼ିଶାର ପଡୋଶୀ ହିନ୍ଦୁ ରାଜ୍ୟଗୁଡ଼ିକ ମୁସଲମାନ ଆକ୍ରମଣର ଶିକାର ହେଉଥିଲା ବେଳେ ଓଡ଼ିଶା ଥିଲା ଏହାର ବ୍ୟତିକ୍ରମ । ଗଙ୍ଗମାନଙ୍କର ବୀରତ୍ୱ ବଳରେ ଦୀର୍ଘଦିନ ଧରି ଓଡ଼ିଶା ଏକ ସ୍ୱାଧୀନ ହିନ୍ଦୁ ରାଷ୍ଟ୍ର ରୂପେ ତିଷ୍ଠି ରହି ପାରିଥିଲା । ଗଙ୍ଗମାନଙ୍କର ସ୍ଥାପତ୍ୟର ଶ୍ରେଷ୍ଠ ନିଦର୍ଶନ ରୂପେ ପୁରୀର ଜଗନ୍ନାଥ ମନ୍ଦିର ଏବଂ କୋଣାର୍କର ସୂର୍ଯ୍ୟମନ୍ଦିର ଏବେ ମଧ୍ୟ ଦଣ୍ଡାୟମାନ ।

### ଚୋଡ଼ଗଙ୍ଗଦେବ:

ଗଙ୍ଗମାନେ ପ୍ରଥମେ ଶ୍ରୀକାକୁଲମ୍ ଜିଲ୍ଲାର ମୁଖଲିଙ୍ଗମ୍ ଅଂଚଳରେ ଶାସନ କରୁଥିଲେ । ବଜ୍ରହସ୍ତଦେବ ଏବଂ ତାଙ୍କ ପରେ ରାଜରାଜଦେବଙ୍କ ପ୍ରଚେଷ୍ଟାରେ ଏହି ରାଜବଂଶ ପରାକ୍ରମଶାଳୀ ହୋଇଥିଲା । ବଂଶଧାରା ନଦୀ କୂଳରେ ଥିବା କଳିଙ୍ଗନଗର (ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଥିବା ମୁଖଲିଙ୍ଗମ) ଥିଲା ଗଙ୍ଗମାନଙ୍କର ରାଜଧାନୀ । ରାଜରାଜଦେବଙ୍କ ମୃତ୍ୟୁ ପରେ ଚୋଡ଼ଗଙ୍ଗଦେବ ୧୦୭୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ରାଜ୍ୟଜୟ ମାଧ୍ୟମରେ ଏକ ବିଶାଳ ଗଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ତାଙ୍କର ଦୀର୍ଘ ୭୦ ବର୍ଷର ରାଜତ୍ୱ କାଳରେ ଓଡିଶା ଏକ ସମୃଦ୍ଧ ଏବଂ ଶକ୍ତିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । ଗଙ୍ଗବଂଶୀୟ ରାଜତ୍ୱ ଅଧୁନା ଶ୍ରୀକାକୁଲମ୍ ଜିଲ୍ଲାରେ ଆରମ୍ଭ ହୋଇଥିଲା ଓ "କଳିଙ୍ଗନଗର" ଚୋଡ଼ଗଙ୍ଗ ଦେବଙ୍କ ରାଜଧାନୀଥିଲା ।

### ସାମ୍ରାଜ୍ୟ ବିସ୍ତାର:

ଚୋଡ଼ଗଙ୍ଗଦେବ ଜଣେ ଦିଗ୍‌ବିଜୟୀ ସମ୍ରାଟ ରୂପେ ଖ୍ୟାତି ଅର୍ଜନ କରିଥିଲେ । ସେ ସୋମବଂଶୀମାନଙ୍କର ଶେଷ ରାଜା କର୍ଣ୍ଣଦେବଙ୍କୁ ପରାଜିତ କରି ୧୧୧୦ ଖ୍ରୀଷ୍ଟାବ୍ଦରେ ଉତ୍କଳ ଅଧିକାର କରିଥିଲେ । ଏହାପରେ ସେ ବଙ୍ଗ ଆକ୍ରମଣ କରି ଆରମ୍ୟ ଏବଂ ରାଢ଼ ଅଂଚଳ ତାଙ୍କ ଅଧୀନକୁ ଆଣିଥିଲେ । ସେ ମଧ୍ୟ ଦକ୍ଷିଣ ଭାରତରେ ଥିବା ବେଙ୍ଗି ରାଜ୍ୟକୁ ତାଙ୍କ ସାମ୍ରାଜ୍ୟଭୁକ୍ତ କରିଥିଲେ । ଏହା ଫଳରେ ତାଙ୍କ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସେ ବାରଙ୍ଗ, କଟକ, ଚୌଦ୍ୱାର, ଯାଜପୁର ଏବଂ ଅମରାବତୀ (କଟକ ଜିଲ୍ଲାର ଛଟିଆ)ଠାରେ ଦୁର୍ଗମାନ ନିର୍ମାଣ କରିଥିଲେ ବୋଲି କେତେକ ଐତିହାସିକ ବିଶ୍ୱାସ କରନ୍ତି । ଏକ ବିଶାଳ ସାମ୍ରାଜ୍ୟ ସୃଷ୍ଟି କରି ଚୋଡ଼ଗଙ୍ଗଦେବ ନିଜକୁ 'ମହାରାଜାଧିରାଜ', 'ତ୍ରିକଳିଙ୍ଗାଧିପତି', 'ଶ୍ରୀଗଙ୍ଗଚୂଡାମଣି' ଆଦି ଉପାଧିରେ ଭୂଷିତ ହୋଇଥିଲେ । ସେ ୧୧୪୭ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

**ତୁମେ ଜାଣିଛ କି?**

କୋର୍ଣ୍ଣିତାମ୍ରପଟ୍ଟା ଅଭିଲେଖରେ ଚୋଡ଼ଗଙ୍ଗଦେବଙ୍କ ରାଜ୍ୟ ଜୟର ବର୍ଣ୍ଣନା ଅଛି । ଏଥିରେ ସେ ପ୍ରଥମେ ଉତ୍କଳର ରାଜା (କର୍ଣ୍ଣକେଶରୀ ବା କର୍ଣ୍ଣଦେବ)ଙ୍କୁ ପରାଜିତ କରିବା କଥା ଉଲ୍ଲେଖ ଅଛି ।

## ରାଜ୍ୟ ଶାସନ:

ଚୋଡ଼ଗଙ୍ଗଦେବ ଥିଲେ ଜଣେ ସୁଶାସକ। ସେ ଉତ୍ପନ୍ନ ଶସ୍ୟର ଏକ-ଷଷ୍ଠାଂଶ କର ରୂପେ ଆଦାୟ କରୁଥିଲେ । ଏହା ବ୍ୟତୀତ ବାଣିଜ୍ୟକର, ଲବଣକର, ବନ୍ୟଜାତ ଦ୍ରବ୍ୟ ଉପରେ ଧାର୍ଯ୍ୟ କର ଆଦିରୁ ରାଜକୋଷକୁ ବହୁ ଅର୍ଥ ଆସୁଥିଲା । ସେ ସମସ୍ତ ଅର୍ଥ ଲୋକ ହିତକର ତଥା ଧର୍ମାଦି କାର୍ଯ୍ୟରେ ବିନିଯୋଗ କରୁଥିଲେ । କିମ୍ବଦନ୍ତୀ ଅନୁସାରେ ସେ ଭୁବନେଶ୍ୱର ନିକଟବର୍ତ୍ତୀ କୌଶଲ୍ୟା ଗଙ୍ଗ ଜଳାଶୟ ଖନନ କରିଥିଲେ ।

ଚୋଡ଼ଗଙ୍ଗଦେବ ଆଦାୟ କରୁଥିବା କରଗୁଡ଼ିକ ସେତେବେଳେ କେଉଁ କେଉଁ ଜନ ହିତକର କାର୍ଯ୍ୟରେ ଲାଗୁଥିବ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

### ତୁମେ ଜାଣିଛ କି?

❖ ଚୋଡ଼ଗଙ୍ଗଦେବ ପୁରୀରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା କଥା 'ଦାସଗୋବା' ଅଭିଲେଖରୁ ଜଣାପଡ଼େ।

❖ ସତାନାଦ 'ଭାସ୍ୱତୀ'ରେ ସ୍ୱର୍ଗୀୟ ପିଣ୍ଡଗୁଡ଼ିକର ସ୍ଥିତି ଓ ଚଳନ ସଂପର୍କରେ ଲେଖିଥିଲେ । ସେହିପରି ଭାବରେ ଓଡ଼ିଶାର କେହି ବରପୁତ୍ର ଗ୍ରହ-ନକ୍ଷତ୍ରମାନଙ୍କ ଉପରେ ଯଦି କିଛି ଉପାଦେୟ ପୁସ୍ତକ ଲେଖିଛନ୍ତି, ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ।

ଚୋଡ଼ଗଙ୍ଗଦେବ ସାହିତ୍ୟର ପୃଷ୍ଠପୋଷକତା କରୁଥିଲେ । ତାଙ୍କ ସମୟରେ ସତାନାଦ 'ଭାସ୍ୱତୀ' ନାମକ ଏକ ପୁସ୍ତକ ରଚନା କରିଥିଲେ ଯାହା ସ୍ୱର୍ଗୀୟ ପିଣ୍ଡଗୁଡ଼ିକର ସ୍ଥିତି ଏବଂ ଚଳନ ସଂପର୍କରେ ସୂଚନା ପ୍ରଦାନ କରିଥାଏ । ଚୋଡ଼ଗଙ୍ଗଦେବ ଧର୍ମକ୍ଷେତ୍ରରେ ସହନଶୀଳତା ପ୍ରଦର୍ଶନ କରିଥିଲେ । ସେ ଶୈବ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ । ସେ ପୁରୀଠାରେ ବିଶ୍ୱବିଖ୍ୟାତ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ତାଙ୍କ ସମୟରେ ବୈଷ୍ଣବ ଧର୍ମର ବିଶିଷ୍ଟ ପ୍ରଚାରକ ରାମାନୁଜ ଓଡ଼ିଶାକୁ ଆସିଥିଲେ । ଚୋଡ଼ଗଙ୍ଗଦେବ ଯାଜପୁରଠାରେ ଗଙ୍ଗେଶ୍ୱର ଶିବ ମନ୍ଦିର ଏବଂ ସୀମାଚଳମ୍‌ଠାରେ ଏକ ବିଷ୍ଣୁ ମନ୍ଦିର ନିର୍ମାଣ କରିଥିଲେ । ତାଙ୍କର ରାଣୀ କସ୍ତୁରୀ କାମୋଦିନୀ ଟିକାଲ୍ଲିଠାରେ ଗୋଟିଏ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ ।

ଚୋଡଗଙ୍ଗଦେବ ଥିଲେ ଜଣେ ଦିଗ୍‌ବିଜୟୀ ବୀର । ଉତ୍କଳ ଅଧିକାର କଲା ପରେ ସେ ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କି କି ପଦକ୍ଷେପ ନେଇଥିବେ, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

## ପ୍ରଥମ ନରସିଂହଦେବ:

ପ୍ରଥମ ନରସିଂହଦେବ ଥିଲେ ଗଙ୍ଗବଂଶର ଏକ ପ୍ରଖ୍ୟାତ ନରପତି । ସେ ୧୨୩୮ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ତାଙ୍କ ସମୟରେ ଗଙ୍ଗ ସାମ୍ରାଜ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ଓଡ଼ିଶା ଇତିହାସରେ ସେ ମଧ୍ୟ ଲାଙ୍ଗୁଳା ନରସିଂହଦେବ ରୂପେ ସୁପରିଚିତ ।

### ତୁମେ ଜାଣିଛ କି?

ପ୍ରଥମ ନରସିଂହଦେବଙ୍କୁ ଲାଙ୍ଗୁଳା ନରସିଂହଦେବ କୁହାଯାଏ । ସେ ଚାଲିଲା ବେଳେ ତାଙ୍କ ରାଜକୀୟ ପୋଷାକ ଭୂମି ସ୍ପର୍ଶ କରୁଥିଲା। ତାହା ଲାଙ୍ଗୁଳ ପରି ଦେଖାଯାଉଥିବାରୁ ତାଙ୍କର ସେହିପରି ନାମକରଣ ହୋଇଅଛି ।

## ରାଜ୍ୟ ଜୟ:

ପ୍ରଥମ ନରସିଂହଦେବ ଜଣେ ଦିଗ୍‌ବିଜୟୀ ସମ୍ରାଟରୂପେ ପରିଚିତ ଥିଲେ । ସେ ବଙ୍ଗର ଶାସକ ତୁଘ୍ରିଲ୍ ତୁଘାନ୍ ଖାଁଙ୍କୁ ପରାଜିତ କରି ବଙ୍ଗଳାର ବର୍ଦ୍ଧମାନ, ହୁଗୁଳି ଏବଂ ମେଦିନାପୁର ଆଦି ଅଂଚଳ ଓଡ଼ିଶା ସାମ୍ରାଜ୍ୟରେ ମିଶାଇ ଥିଲେ । ସେ ତେଲେଙ୍ଗାନାର ରାଜା ଗଣପତିଙ୍କୁ ପରାସ୍ତ କରିଥିଲେ । ତାଙ୍କ ସମୟରେ ଗଙ୍ଗ ସାମ୍ରାଜ୍ୟ ଉନ୍ନତିର ଚରମ ଶିଖରରେ ଉପନୀତ ହୋଇଥିଲା ।

ପ୍ରଥମ ନରସିଂହଦେବଙ୍କ ରାଜ୍ୟ ଜୟ ପଛରେ କେଉଁ କେଉଁ ଇଚ୍ଛାମାନ ରହିଥିଲା, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

## ରାଜ୍ୟ ଶାସନ:

ପ୍ରଥମ ନରସିଂହଦେବ ଜଣେ ସୁଶାସକ ଥିଲେ । ତାଙ୍କ ସମୟରେ ସାହିତ୍ୟ, କଳା ଓ ସ୍ଥାପତ୍ୟର ବିକାଶ ଘଟିଥିଲା । ସଂସ୍କୃତ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ରହିଥିଲା । ବିଦ୍ୟାଧର ତାଙ୍କ ରାଜସଭାର ବିଶିଷ୍ଟ କବି ଥିଲେ । ସେ 'ଏକାବଳୀ' ନାମକ ଏକ ପ୍ରସିଦ୍ଧ ଅଳଙ୍କାର ଶାସ୍ତ୍ର ରଚନା କରିଥିଲେ । ପ୍ରସିଦ୍ଧ ଗ୍ରନ୍ଥ 'ସାହିତ୍ୟ ଦର୍ପଣ'ର ରଚୟିତା ବିଶ୍ୱନାଥ କବିରାଜ ତାଙ୍କ ସମସାମୟିକ ଥିଲେ । ପ୍ରଥମ ନରସିଂହଦେବ କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । ବାଲେଶ୍ୱର ଜିଲ୍ଲାର ରେମୁଣା ନିକଟସ୍ଥ କ୍ଷୀରଚୋରା ଗୋପୀନାଥ ମନ୍ଦିର ତାଙ୍କ ସମୟର କୀର୍ତ୍ତି । ସେ ମଧ୍ୟ ଭୁବନେଶ୍ୱରରେ ସଦାଶିବ ମଠ ନିର୍ମାଣ କରିଥିଲେ। ୧୨୯୪ ଖ୍ରୀଷ୍ଟାବ୍ଦରେ ପ୍ରଥମ ନରସିଂହଦେବ ମୃତ୍ୟୁବରଣ କରିଥିଲେ ।

ପ୍ରଥମ ନରସିଂହଦେବଙ୍କ ରାଜ୍ୟରେ ତୁମେ ଜଣେ ପ୍ରଜା ହୋଇଥିଲେ, କେଉଁ କାର୍ଯ୍ୟ କରିବାକୁ ଏବଂ କାହିଁକି କରିବାକୁ ଆଗ୍ରହୀ ହୋଇଥାନ୍ତ, ଲେଖ ।

## ପୁରୀର ଜଗନ୍ନାଥ ମନ୍ଦିର:

ପୁରୀର ଜଗନ୍ନାଥ ମନ୍ଦିର ଚୋଡ଼ଗଙ୍ଗ ଦେବଙ୍କର ଏକ ଅମର କୀର୍ତ୍ତି । ଏହା କଳିଙ୍ଗ ସ୍ଥାପତ୍ୟର ବାସ୍ତବ ପରିପ୍ରକାଶ । ଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟ ଅତି ଉଚ୍ଚକୋଟୀର ଓ ରମଣୀୟ । ଏହାର ଉଚ୍ଚତା ପ୍ରାୟ ୬୬ ମିଟର । ଏହି ମନ୍ଦିରଟି ଏକ ବିରାଟ ପ୍ରାଚୀର ଦ୍ୱାରା ପରିବେଷ୍ଟିତ, ଯାହା 'ମେଘନାଦ ପାଚେରୀ' ନାମରେ ବିଖ୍ୟାତ । ଏହି ମନ୍ଦିରକୁ ପ୍ରବେଶ କରିବା ପାଇଁ ଚାରି ଦିଗରେ ଚାରିଗୋଟି ପ୍ରବେଶ ଦ୍ୱାର ରହିଅଛି । ମନ୍ଦିରର ପୂର୍ବ ଦ୍ୱାର ସମ୍ମୁଖରେ ୧୨ ମିଟର ଉଚ୍ଚତା ବିଶିଷ୍ଟ ଏକ ଅରୁଣ ସ୍ତମ୍ଭ ରହିଅଛି । ଜଗନ୍ନାଥ ମନ୍ଦିର ମଧ୍ୟରେ ବଳଭଦ୍ର, ସୁଭଦ୍ରା ଏବଂ ଜଗନ୍ନାଥଙ୍କର ମୂର୍ତ୍ତି ଶୋଭା ପାଉଅଛି ।

**ତୁମେ ଜାଣିଛ କି?**

ପୁରୀର ଜଗନ୍ନାଥ ମନ୍ଦିରକୁ ପ୍ରବେଶ ପାଇଁ ଥିବା ଚାରୋଟି ଦ୍ୱାର ମଧ୍ୟରୁ ଦକ୍ଷିଣ ଦ୍ୱାରକୁ **'ଅଶ୍ୱଦ୍ୱାର'**, ଉତ୍ତର ଦ୍ୱାରକୁ **'ହସ୍ତୀଦ୍ୱାର'**, ପୂର୍ବ ଦ୍ୱାରକୁ **'ସିଂହଦ୍ୱାର'** ଏବଂ ପଶ୍ଚିମ ଦ୍ୱାରକୁ **'ବ୍ୟାଘ୍ରଦ୍ୱାର'** କୁହାଯାଇଥାଏ ।



ଜଗନ୍ନାଥ ମନ୍ଦିର

ମନ୍ଦିର ବେଢ଼ାରେ କାଶୀ–ବିଶ୍ୱନାଥ ମନ୍ଦିର, ନୃସିଂହ ମନ୍ଦିର, ବିମଳା ମନ୍ଦିର, ମହାଲକ୍ଷ୍ମୀ ମନ୍ଦିର, ନବଗ୍ରହ ମନ୍ଦିର ଆଦି ଛୋଟ ଛୋଟ ମନ୍ଦିରମାନ ରହିଅଛି । ମୁକ୍ତିମଣ୍ଡପ ଏବଂ ଆନନ୍ଦ ବଜାର ପୁରୀ ଜଗନ୍ନାଥ ମନ୍ଦିରର ଦୁଇଟି ଆକର୍ଷଣୀୟ ସ୍ଥାନ । ପୁରୀକୁ 'ଶ୍ରୀକ୍ଷେତ୍ର' ଏବଂ 'ଶଙ୍ଖକ୍ଷେତ୍ର' ନାମରେ ନାମିତ କରାଯାଇଅଛି। ଜଗନ୍ନାଥ ମନ୍ଦିରର ରଥଯାତ୍ରା ବିଶ୍ୱବିଖ୍ୟାତ ।

ଯେପରି ପୁରୀକୁ 'ଶ୍ରୀକ୍ଷେତ୍ର' କୁହାଯାଏ । ସେହିପରି ଓଡ଼ିଶାର ଅନ୍ୟ କେଉଁ କେଉଁ ସ୍ଥାନକୁ କି କି କ୍ଷେତ୍ର ରୂପେ ବର୍ଣ୍ଣନା କରାଯାଇଛି, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

### କୋଣାର୍କର ସୂର୍ଯ୍ୟ ମନ୍ଦିର:

କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ପ୍ରଥମ ନରସିଂହଦେବଙ୍କର ଅମ୍ଳାନ କୀର୍ତ୍ତି । ଚନ୍ଦ୍ରଭାଗା ନଦୀ ମୁହାଣ ନିକଟରେ ବଙ୍ଗୋପସାଗର କୂଳରେ ଏହି ମନୋରମ ସୂର୍ଯ୍ୟମନ୍ଦିର ନିର୍ମିତ ହୋଇଥିଲା । କିମ୍ବଦନ୍ତୀ ଅନୁସାରେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟରେ ୧୨୦୦ ବଢ଼େଇ ନିଯୁକ୍ତ ହୋଇଥିଲେ । ଲାଙ୍ଗୁଳା ନରସିଂହଦେବଙ୍କ ମନ୍ତ୍ରୀ ଶିବେଇ ସାମନ୍ତରାୟ ଏବଂ ସେ ସମୟର ପ୍ରସିଦ୍ଧ ଶିଳ୍ପୀ ବିଶୁ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ନିର୍ମିତ ହୋଇଥିଲା । ବିଶୁ ମହାରଣାଙ୍କ ୧୨ ବର୍ଷର ପୁତ୍ର ଧରମା ଏହି ମନ୍ଦିରର ମୁଣ୍ଡି ମାରିବାକୁ ସକ୍ଷମ ହୋଇଥିଲା ।



**କୋଣାର୍କ ମନ୍ଦିର**

ତୁମେ କୋଣାର୍କ ମନ୍ଦିର ନିର୍ମାଣ ସମୟର ଏକ ଶିଳ୍ପୀ ହୋଇଥିଲେ କୋଣାର୍କକୁ ଆହୁରି ସୁନ୍ଦର କରିବା ପାଇଁ କଣ କଣ କରିଥାନ୍ତ?

କୋଣାର୍କ ମନ୍ଦିର ସୂର୍ଯ୍ୟଙ୍କର ରଥ ଆକାରରେ ନିର୍ମିତ । ଏଥିରେ ୨୪ଟି ଚକ ଓ ୭ ଗୋଟି ଘୋଡା ରହିଅଛି । ମନ୍ଦିରରେ ବିରାଟ ଲୌହ କଡ଼ି ଓ ପ୍ରସ୍ତର ଖଣ୍ଡମାନ ବ୍ୟବହୃତ ହୋଇଅଛି । କୋଣାର୍କର ମୁଖ୍ୟ ମନ୍ଦିର ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଅଛି । ସେଥିରେ ସୂର୍ଯ୍ୟଦେବଙ୍କର ସିଂହାସନ ଦେଖିବାକୁ ମିଳେ । ମନ୍ଦିର ଦେହରେ ବିଭିନ୍ନ ଦେବଦେବୀ, ଗନ୍ଧର୍ବ, ପରୀ, ନର୍ତ୍ତକୀ, ବୃକ୍ଷଲତା, ପୁଷ୍ପ, ଯୁଦ୍ଧର ଚିତ୍ର ଇତ୍ୟାଦି ଖୋଦିତ ହୋଇଅଛି । ମୁଖ୍ୟ ମନ୍ଦିର ସମ୍ମୁଖରେ କଳା ମୁଗୁନି ପଥରରେ ନିର୍ମିତ ନବଗ୍ରହ ମୂର୍ତ୍ତି ଏବେ କୋଣାର୍କ ମନ୍ଦିରର ବାମ ପାର୍ଶ୍ୱରେ ନିର୍ମିତ ନବଗ୍ରହ ମନ୍ଦିରରେ ସ୍ଥାପିତ । କୋଣାର୍କ ମନ୍ଦିର ପରିସରରେ ଥିବା ଛାୟାଦେବୀଙ୍କ ମନ୍ଦିର, ଗଜ–ସିଂହ ଏବଂ ଯୁଦ୍ଧଅଶ୍ୱର ମୂର୍ତ୍ତି ଅତ୍ୟନ୍ତ ଚିତ୍ତାକର୍ଷକ । କୋଣାର୍କ ମନ୍ଦିରର ସୌନ୍ଦର୍ଯ୍ୟ ଏବେ ମଧ୍ୟ ଦେଶ ବିଦେଶର ବହୁ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ ।

**ତୁମେ ଜାଣିଛ କି?**
କୋଣାର୍କ ମନ୍ଦିର ଦେହରେ ଅନ୍ୟାନ୍ୟ ଚିତ୍ରମାନଙ୍କ ମଧ୍ୟରେ ଏକ ଜିରାଫର ଚିତ୍ର ରହିଅଛି।

- କୋଣାର୍କ ମନ୍ଦିର ନିର୍ମାଣରେ ବ୍ୟବହୃତ ହେଉଥିବା ବଡ଼ ବଡ଼ ପଥରମାନ କିପରି ଉପରକୁ ଯାଉଥିଲା ଏବଂ କେମିତି ଯୋଡେଇ ହୋଇ ମନ୍ଦିର ତିଆରି ହେଉଥିଲା, ଅନୁମାନ କରି ଲେଖ ।
- କୋଣାର୍କ ମନ୍ଦିରରେ ଥିବା ୨୪ଟି ଚକ ଏବଂ ୭ଟି ଘୋଡା କାହାର ପ୍ରତୀକ ହୋଇଥିବେ, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

ପ୍ରଥମ ନରସିଂହଦେବଙ୍କ ପରେ ପ୍ରଥମ ଭାନୁଦେବ, ଦ୍ୱିତୀୟ ନରସିଂହଦେବ, ଦ୍ୱିତୀୟ ଭାନୁଦେବ ଆଦି ରାଜା ଶାସନ କରିଥିଲେ । ଚତୁର୍ଥ ଭାନୁଦେବ ବା ମତ୍ତଭାନୁଦେବ ଥିଲେ ଗଙ୍ଗବଂଶର ଶେଷ ରାଜା । ୧୪୩୫ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହା ସହିତ ଗଙ୍ଗବଂଶ ଲୋପ ପାଇଥିଲା ଏବଂ ସୂର୍ଯ୍ୟବଂଶୀ ଗଜପତିମାନଙ୍କର ଶାସନ ଆରମ୍ଭ ହୋଇଥିଲା ।

## (ଚ) ନୂତନ ଧର୍ମ ଏବଂ ଆଧ୍ୟାତ୍ମିକ ଗୋଷ୍ଠୀର ସୃଷ୍ଟି:

## ନୂତନ ଭାଷା ଓ ଲିପିର ଜନ୍ମ, କଳା କ୍ଷେତ୍ରରେ ନୂତନ ଶୈଳୀର ପ୍ରବର୍ତ୍ତନ

### ନୂତନ ଧର୍ମ ଓ ଆଧ୍ୟାତ୍ମିକ ଗୋଷ୍ଠୀର ସୃଷ୍ଟି

ମଧ୍ୟଯୁଗରେ ଭାରତର ଧର୍ମ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଥିଲା । ବୌଦ୍ଧଧର୍ମର ପତନ ଘଟିବା ସହିତ ଜୈନ ଧର୍ମର ପ୍ରଭାବ ମଧ୍ୟ ହ୍ରାସ ପାଇଥିଲା । ବ୍ରାହ୍ମଣ୍ୟ ଧର୍ମରେ ସଂସ୍କାର ଆସିବା ସହିତ ଭକ୍ତିବାଦର ଜନ୍ମ ଏବଂ ପ୍ରସାର ହୋଇଥିଲା । ଏହି ସମୟରେ ବହୁ ଧର୍ମ ସଂସ୍କାରକଙ୍କର ଆବିର୍ଭାବ ଘଟିଥିଲା । ସେମାନଙ୍କ ମଧ୍ୟରେ ଅଧିକାଂଶ ଦକ୍ଷିଣ ଭାରତରେ ଜନ୍ମ ନେଇଥିଲେ ମଧ୍ୟ ସମଗ୍ର ଭାରତରେ ଜନପ୍ରିୟ ହୋଇ ପାରିଥିଲେ। ଉତ୍ତର ଭାରତରେ ମଧ୍ୟ ଅନେକ ଧର୍ମ ସଂସ୍କାରକଙ୍କ ଆବିର୍ଭାବ ଘଟିଥିଲା ।

ଦକ୍ଷିଣ ଭାରତରେ କାହିଁକି ଭକ୍ତିବାଦର ସୃଷ୍ଟି ହୋଇଥିଲା, ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ।

ଦକ୍ଷିଣ ଭାରତରେ ଜନ୍ମଗ୍ରହଣ କରିଥିବା ଧର୍ମ ସଂସ୍କାରକମାନଙ୍କ ମଧ୍ୟରୁ ଶଙ୍କର (ଶଙ୍କରାଚାର୍ଯ୍ୟ) ଅନ୍ୟତମ ଥିଲେ। ସେ ୭୮୮ ଖ୍ରୀଷ୍ଟାବ୍ଦରେ କେରଳର କାଲାଡିଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମତବାଦକୁ 'ଅଦ୍ୱୈତ ମତବାଦ' ବୋଲି କୁହାଯାଏ। ସେ ସମଗ୍ର ଜଗତକୁ ମିଥ୍ୟା ଏବଂ ବ୍ରହ୍ମ (ଈଶ୍ୱର)ଙ୍କୁ ସତ୍ୟ ବୋଲି ବର୍ଣ୍ଣନା କରିଥିଲେ । ଜ୍ଞାନ ବଳରେ ଈଶ୍ୱର ମିଳିପାରିବେ ବୋଲି ସେ ପ୍ରଚାର କରିଥିଲେ । ସେ ଭାରତରେ ବହୁ ଧର୍ମପୀଠ ଓ ମଠ ପ୍ରତିଷ୍ଠା କରିଥିଲେ । ସେ ଓଡ଼ିଶାର ପୁରୀଠାରେ ଏକ ମଠ ପ୍ରତିଷ୍ଠା କରିଥିଲେ । ତାଙ୍କ ଯୋଗୁଁ ହିନ୍ଦୁଧର୍ମର ପୁନରୁତ୍‌ଥାନ ହୋଇଥିଲା । ସେ ମାତ୍ର ୩୨ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ ।


ଶଙ୍କରାଚାର୍ଯ୍ୟ

ଏକାଦଶ ଶତାବ୍ଦୀରେ ଦକ୍ଷିଣ ଭାରତରେ ରାମାନୁଜ ଜନ୍ମଗ୍ରହଣ କରିଥିଲେ । ସେ 'ଭକ୍ତିବାଦ'ର ପ୍ରଚାର କରିଥିଲେ । ସେ ଈଶ୍ୱରଙ୍କ ନିକଟରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପଣ କରିବା ପାଇଁ ଉପଦେଶ ଦେଇଥିଲେ । ପ୍ରେମ ଓ ଭକ୍ତି ଦ୍ୱାରା ଈଶ୍ୱର ମିଳିପାରିବେ ବୋଲି ସେ କହୁଥିଲେ । ଜ୍ଞାନ ଅପେକ୍ଷା ଭକ୍ତି ଈଶ୍ୱର ପ୍ରାପ୍ତିର ଶ୍ରେଷ୍ଠ ମାଧ୍ୟମ ବୋଲି ସେ ପ୍ରଚାର କରିଥିଲେ ।

ଶଙ୍କରାଚାର୍ଯ୍ୟଙ୍କଠାରୁ ରାମାନୁଜଙ୍କ ମତ ଭିନ୍ନ ଥିଲା । ତାଙ୍କ ମତରେ ମଣିଷ ଗୋଟିଏ ଜାତି । ସେଥିରେ ଉଚ୍ଚନୀଚର ସ୍ଥାନ ନାହିଁ । ତାଙ୍କର ଏହି ବାଣୀ ବହୁ ଲୋକଙ୍କୁ ପ୍ରଭାବିତ କରିଥିଲା । ରାମାନୁଜଙ୍କର ପ୍ରଧାନ ଶିଷ୍ୟ ଥିଲେ ରାମାନନ୍ଦ । ସେ ରାମାନୁଜଙ୍କ ଦ୍ୱାରା ପ୍ରଚାରିତ ଭକ୍ତିବାଦକୁ ଉତ୍ତର ଭାରତରେ ପ୍ରସାର କରାଇଥିଲେ । ସେ ରାମାନୁଜଙ୍କର ଆଦର୍ଶ ଏବଂ ନୀତିମୟ ଜୀବନକୁ ଲୋକମାନଙ୍କ ଆଗରେ ଉପସ୍ଥାପନ କରୁଥିଲେ ।

**ତୁମେ ଜାଣିଛ କି?**

❖ ଶଙ୍କରାଚାର୍ଯ୍ୟ ଭାରତରେ ୪ ଗୋଟି ମଠ ସ୍ଥାପନ କରିଥିଲେ । ସେଗୁଡ଼ିକ ହେଲା ପୁରୀରେ ଗୋବର୍ଦ୍ଧନ ମଠ, ବଦ୍ରିନାଥରେ ଜ୍ୟୋର୍ତି ମଠ, ଦ୍ୱାରକାରେ ଶାରଦା ମଠ ଏବଂ କର୍ଣ୍ଣାଟକର ଶୃଙ୍ଗେରମଠାରେ ଶୃଙ୍ଗେରୀ ମଠ

ଶଙ୍କରଙ୍କ ମତ ଦକ୍ଷିଣରେ ପ୍ରଚଳିତ ଥିଲା ବେଳେ ରାମାନୁଜଙ୍କ ଭକ୍ତିବାଦ ପ୍ରତି ଲୋକମାନେ କାହିଁକି ଆକର୍ଷିତ ହେଲେ, ଅନ୍ୟମାନଙ୍କ ସହ ଆଲୋଚନା କରି କାରଣମାନ ଲେଖ ।

ଭକ୍ତିବାଦର ସନ୍ଥମାନେ ଆଞ୍ଚଳିକ ଭାଷାରେ ଭଜନ ଓ ପ୍ରାର୍ଥନାମାନ ରଚନା କରି ଈଶ୍ୱରଙ୍କୁ ଆରାଧନା କରୁଥିଲେ । ସମାଜର ସବୁ ଶ୍ରେଣୀର ଲୋକମାନେ ଏହି ଧର୍ମ ଗ୍ରହଣ କରିପାରୁଥିଲେ । ଫଳରେ, ଉଭୟ ଦକ୍ଷିଣ ଏବଂ ଉତ୍ତର ଭାରତରେ ଭକ୍ତିବାଦର ପ୍ରସାର ଘଟିଥିଲା । ଏହା ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍‌ଥାନକୁ ପ୍ରତିହତ କରିଥିଲା ।

ଭକ୍ତିବାଦର ସନ୍ଥମାନେ ଆଂଚଳିକ ଭାଷାରେ ଭଜନ ଓ ପ୍ରାର୍ଥନାମାନ ରଚନା କରିଥିଲେ । ସେହିପରି ଭାବରେ ତୁମ ଅଂଚଳର ଆଞ୍ଚଳିକ ଭାଷାରେ ଥିବା ଭଜନ ଓ ପ୍ରାର୍ଥନା ମାନ ସଂଗ୍ରହ କରି ଏକ ବିବରଣୀ ପ୍ରସ୍ତୁତ କର ।

**ତୁମେ ଜାଣିଛ କି?**

❖ ଜନଶ୍ରୁତି ଅନୁସାରେ 'ଭକ୍ତି ଦ୍ରାବିଡ଼ ଉପୁଜି ଲାୟେ,ରାମାନନ୍ଦ ପରଗଟ କିଆ, କବୀରନେ ସପ୍ତଦ୍ୱୀପ ନବଖଣ୍ଡ' ଅର୍ଥାତ୍ 'ଭକ୍ତିବାଦ ଦକ୍ଷିଣରେ ଜନ୍ମ ନେଲା । ଏହାକୁ ରାମାନନ୍ଦ ଉତ୍ତର ଭାରତକୁ ଆଣିଲେ ଏବଂ କବୀର ସର୍ବତ୍ର ପ୍ରଚାର କଲେ'।

ଏହି ସମୟରେ ଉତ୍ତର ଭାରତରେ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟ ଲୋକପ୍ରିୟ ହୋଇଥିଲା । ରାମାନୁଜଙ୍କ ସମସାମୟିକ ନିମ୍ବାର୍କ ଦକ୍ଷିଣ ଭାରତରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ଉତ୍ତର ଭାରତର ମଥୁରାଠାରେ ଅବସ୍ଥାନ କରୁଥିଲେ । ସେ ବୈଷ୍ଣବ ଥିଲେ । କୃଷ୍ଣଙ୍କ ବାଲ୍ୟକାଳ, ରାଧାଙ୍କ ପ୍ରତି ପ୍ରେମ, କଂସ ସହିତ ଯୁଦ୍ଧ ଆଦି ଘଟଣାମାନ ପ୍ରଚାର କରି ସେ କୃଷ୍ଣଙ୍କ ପ୍ରତି ଲୋକମାନଙ୍କୁ ଆକର୍ଷିତ କରିଥିଲେ ।

କୃଷ୍ଣଙ୍କ ସଂପର୍କିତ ଏହି କାହାଣୀମାନ ପଦ୍ୟ ଆକାରରେ ରଚିତ ହୋଇ ମନ୍ଦିର ଦେହରେ ସ୍ଥାନ ପାଇଲା । ଏହାଦ୍ୱାରା କୃଷ୍ଣଲୀଳା ସମଗ୍ର ଉତ୍ତର ଭାରତରେ ଜନପ୍ରିୟ ହୋଇପଡ଼ିଲା ।

**ତୁମେ ଜାଣିଛ କି?**

ଶିବଙ୍କ ଉପାସକ ଶୈବ, ବିଷ୍ଣୁଙ୍କ ଉପାସକ ବୈଷ୍ଣବ ଏବଂ ଶକ୍ତି(ଦେବୀ)ଙ୍କ ଉପାସକ ଶାକ୍ତ ରୂପେ ପରିଚିତ ।

ଏହି ସମୟରେ ଓଡ଼ିଶାରେ ବ୍ରାହ୍ମଣ୍ୟ ଧର୍ମର ମଧ୍ୟ ପ୍ରସାର ହୋଇଥିଲା । ସୋମବଂଶୀ ଶାସକମାନେ ଶାକ୍ତ, ବୈଷ୍ଣବ ଏବଂ ଶୈବ ଧର୍ମର ପୃଷ୍ଠପୋଷକତା କରିଥିଲେ । ଗଙ୍ଗମାନଙ୍କ ସମୟରେ ଜଗନ୍ନାଥ ଉପାସନା ଜନପ୍ରିୟ ହୋଇ ପଡ଼ିଲା । ଜଗନ୍ନାଥ ସବୁ ଧର୍ମର ସମନ୍ୱୟ ବୋଲି ଲୋକମାନଙ୍କର ଧାରଣା ହୋଇଥିଲା ।

ଜଗନ୍ନାଥ କାହିଁକି ସବୁଧର୍ମର ସମନ୍ୱୟ, ତାହା ଅନ୍ୟମାନଙ୍କ ସହିତ ଆଲୋଚନା କରି ଲେଖ ।

## ନୂତନ ଭାଷା ଓ ଲିପିର ଜନ୍ମ:

ଅଷ୍ଟମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ସାଂସ୍କୃତିକ ଇତିହାସ ଗୌରବମୟ । ଏହି ସମୟ ମଧ୍ୟରେ ବହୁ ନୂତନ ଭାଷା ଓ ଲିପି ସୃଷ୍ଟି ହେବା ସହିତ ଆଂଚଳିକ ସାହିତ୍ୟର ବିକାଶ ମଧ୍ୟ ଘଟିଥିଲା ।

ଦକ୍ଷିଣ ଭାରତରେ ମୁଖ୍ୟତଃ ଦୁଇଟି ଭାଷା ପ୍ରଚଳିତ ଥିଲା । ପ୍ରଥମଟି ସଂସ୍କୃତ ଏବଂ ଅନ୍ୟଟି ନୂତନ ଭାବରେ ସୃଷ୍ଟି ହୋଇଥିବା ଆଂଚଳିକ ଭାଷା । ସଂସ୍କୃତ ଭାଷାକୁ ବିଦ୍ୟାଳୟରେ ଶିକ୍ଷକ ଏବଂ ଛାତ୍ରମାନେ ବ୍ୟବହାର କରୁଥିଲେ । ଏହା ମଧ୍ୟ ଧର୍ମାନୁଷ୍ଠାନ ଗୁଡ଼ିକରେ ବ୍ୟବହୃତ ହେଉଥିଲା । ଆଂଚଳିକ ଭାଷାର ବହୁଳ ବ୍ୟବହାର ଚୋଳ ରାଜ୍ୟରେ ଦେଖା ଦେଇଥିଲା । ସେଠାରେ ତାମିଲ ଆଂଚଳିକ ଭାଷା ରୂପେ ପ୍ରଚଳିତ ଥିଲା । ଏହି ତାମିଲ ଭାଷା ବହୁଳାଂଶରେ ସଂସ୍କୃତ ଭାଷା ଦ୍ୱାରା ପ୍ରଭାବିତ ହୋଇଥିଲା । ତାମିଲ ଭାଷା ସହିତ ଲିପିର ପ୍ରଣୟନ କରାଯାଇ ଏହି ଭାଷାରେ ବହୁ ସାହିତ୍ୟ ସୃଷ୍ଟି କରାଯାଇଥିଲା । କମ୍ବାନଙ୍କ ଦ୍ୱାରା ତାମିଲ ଭାଷାରେ ରଚିତ 'ରାମାୟଣ' ସେ ସମୟର ଏକ ପ୍ରସିଦ୍ଧ ଗ୍ରନ୍ଥ । ସେସମୟରେ ବହୁ ନାଟକ ଓ କବିତା ସୃଷ୍ଟି ହୋଇଥିଲା ।

ତୁମେ କେତୋଟି ଆଂଚଳିକ ଭାଷା ଜାଣିଛ ଲେଖ ।

ଏହି ସମୟରେ ଆନ୍ଧ୍ରରେ ତେଲୁଗୁ ଭାଷା ଓ ଲିପି ପ୍ରଚଳିତ ଥିଲା । ତେଲୁଗୁ ଭାଷାରେ 'ରାମାୟଣ' ଓ 'ମହାଭାରତ' ରଚିତ ହୋଇଥିଲା । ନାନାୟଙ୍କ ଦ୍ୱାରା ରଚିତ 'ମହାଭାରତ' ତେଲୁଗୁ ସାହିତ୍ୟର ଏକ ଅମ୍ଳାନ ସୃଷ୍ଟି । ପରବର୍ତ୍ତୀ ସମୟରେ ଟିକାନା ନାମକ ଏକ କବି ଏହାକୁ ଆନ୍ଧ୍ରରେ ଲୋକପ୍ରିୟ କରାଇଥିଲେ ।

ତୁମ ଅଂଚଳର ଏକ ପ୍ରସିଦ୍ଧ ଗ୍ରନ୍ଥକୁ କେଉଁ କେଉଁ ଉପାୟରେ ଲୋକପ୍ରିୟ କରାଯାଇ ପାରିବ, ସାଙ୍ଗମାନଙ୍କ ସହିତ ଆଲୋଚନା କରି ଲେଖ ।

ମହୀଶୂରରେ ଏହି ସମୟରେ କନ୍ନଡ ଭାଷାର ସୃଷ୍ଟି ହୋଇଥିଲା । ଲିଙ୍ଗାୟତ ଗୋଷ୍ଠୀର କେତେକ ସନ୍ଥ ସଂସ୍କୃତ ଭାଷା ପରିବର୍ତ୍ତେ କନ୍ନଡ ଭାଷା ବ୍ୟବହାର କରି ସାହିତ୍ୟ ରଚନା କରିଥିଲେ । ପମ୍ପା,ପୋନା ଓ ରାଜା କନ୍ନଡ଼ ସାହିତ୍ୟର ବିଖ୍ୟାତ ସ୍ରଷ୍ଟା ।

ତୁମ ଅଂଚଳର ବିଖ୍ୟାତ କବି ଓ ଲେଖକଙ୍କ ନାମ ଲେଖି ସେମାନଙ୍କ କୃତି ସଂପର୍କରେ ଆଲୋଚନା କର ।

ଏହି ସମୟରେ ଉତ୍ତର ଭାରତରେ ବହୁ ଆଂଚଳିକ ଭାଷା ଓ ଲିପି ଜନ୍ମ ନେଇଥିଲା । ସାଧାରଣ ଲୋକମାନେ ବ୍ୟବହାର କରୁଥିବା ଅପଭ୍ରଂଶ ଭାଷାରୁ ଏ ସବୁର ଉତ୍ପତ୍ତି ହୋଇଥିଲା । ପଶ୍ଚିମ ଭାରତରେ ମରାଠୀ ଏବଂ ଗୁଜୁରାଟୀ ଭାଷା ଲୋକମାନଙ୍କର କଥିତ ଭାଷା ରୂପେ ବ୍ୟବହୃତ ହେଉଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ଏହି ସମୟରେ ସୃଷ୍ଟି ହୋଇଥିଲା । 'ଚର୍ଯ୍ୟାଗୀତିକା' ଏହି ସମୟର ସୃଷ୍ଟି ।

ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ଲୋକମାନେ କେଉଁ କେଉଁ ଭାଷା କହନ୍ତି, ତାହା ଲେଖ ।

## କଳା କ୍ଷେତ୍ରରେ ନୂତନ ଶୈଳୀର ପ୍ରବର୍ତ୍ତନ

କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ନୂତନ ଶୈଳୀର ପ୍ରବର୍ତ୍ତନ ଏ ଯୁଗର ଏକ ବୈଶିଷ୍ଟ୍ୟ । ଦକ୍ଷିଣ ଭାରତରେ ପ୍ରଥମେ ପଥର କାଟି ତା' ମଧ୍ୟରେ ମନ୍ଦିର ନିର୍ମାଣ କରାଯାଉଥିଲା । ଏହି ସମୟରେ ପଥର ଉପରେ ପଥର ରଖି ସ୍ୱତନ୍ତ୍ର ଭାବେ ମନ୍ଦିର ନିର୍ମାଣ କରାଗଲା । ଏଥିରେ ଦୁଇଟି କୋଠରୀ ରହୁଥିଲା । ଗୋଟିଏ ଥିଲା ପ୍ରଧାନ ଉପାସନା କୋଠରୀ ଓ ଅନ୍ୟଟି ପ୍ରବେଶ କୋଠରୀ । କ୍ରମେ ମନ୍ଦିରରେ ଅନେକ କୋଠରୀ ନିର୍ମିତ ହେଲା । ମନ୍ଦିର ଚାରିପଟେ ମଧ୍ୟ ପ୍ରାଚୀର ନିର୍ମାଣ କରାଗଲା । ମନ୍ଦିର ମଧ୍ୟକୁ ଯିବା ପାଇଁ ପ୍ରବେଶ ଦ୍ୱାର ନିର୍ମିତ ହେଲା । ତାହା 'ଗୋପୁରମ୍' ନାମରେ ବିଖ୍ୟାତ । ମନ୍ଦିରର ଅଗଣା ମଧ୍ୟରେ ଛୋଟ ଛୋଟ ମନ୍ଦିର ନିର୍ମାଣ କରାଯାଇ ସେଥିରେ ବିଭିନ୍ନ ଦେବାଦେବୀ ଏବଂ ସାଧୁସନ୍ଥମାନଙ୍କର ମୂର୍ତ୍ତିକୁ ପୂଜା କରାଗଲା । ପ୍ରଧାନ ମନ୍ଦିରଟିକୁ ଖୁବ୍ ବଡ଼ କରାଗଲା ।



ତାଞ୍ଜୋରର ବୃହଦେଶ୍ୱର ମନ୍ଦିର

ମନ୍ଦିରରେ ପ୍ରାଚୀର ନ ଥିଲେ କେଉଁ ଅସୁବିଧା ସବୁ ହୋଇଥାନ୍ତା, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ଚୋଳମାନଙ୍କ ଦ୍ୱାରା ନିର୍ମିତ ମନ୍ଦିର ବହୁତ ବଡ଼, ସୁନ୍ଦର ଏବଂ ଆକର୍ଷଣୀୟ ଥିଲା । ତାଞ୍ଜୋରର ବୃହଦେଶ୍ୱର ମନ୍ଦିର ଏବଂ ଗଙ୍ଗଇକୋଣ୍ଡାଚୋଳପୁରମରେ ଥିବା ମନ୍ଦିର ସେମାନଙ୍କର ଅକ୍ଷୟ କୀର୍ତ୍ତି । ସେହି ମନ୍ଦିରର ମୂର୍ତ୍ତିଗୁଡ଼ିକ ପଥର ବା ବ୍ରୋଞ୍ଜରେ ତିଆରି ହୋଇଥିଲା । ସେ ସମୟରେ ଚୋଳମାନଙ୍କ ଦ୍ୱାରା ନିର୍ମିତ ବ୍ରୋଞ୍ଜ ମୂର୍ତ୍ତି ପୃଥିବୀ ପ୍ରସିଦ୍ଧ ।

ବ୍ରୋଞ୍ଜ ପରିବର୍ତ୍ତେ ଅନ୍ୟ ଧାତୁ ବ୍ୟବହାର କରି ମନ୍ଦିର ଭିତରେ ମୂର୍ତ୍ତିସ୍ଥାପନ କଲେ କି କି ସୁବିଧା ଓ ଅସୁବିଧା ହେବ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ସେହି ସମୟରେ ମଧ୍ୟ-ଭାରତରେ ଚାନ୍ଦେଲ ରାଜାମାନଙ୍କଦ୍ୱାରା ନିର୍ମିତ ଖଜୁରାହୋ ମନ୍ଦିର ତା'ର କାରୁକାର୍ଯ୍ୟ ପାଇଁ ବିଖ୍ୟାତ ।



ଚୋଳ ସମୟର ବ୍ରୋଞ୍ଜ ମୂର୍ତ୍ତି

ରାଜସ୍ଥାନର ମାଉଣ୍ଟଆବୁରେ ନିର୍ମିତ ଦିଲ୍‌ୱାରା ଜୈନ ମନ୍ଦିର ତାର ମାର୍ବଲ କଳା ପାଇଁ ପ୍ରସିଦ୍ଧ । ଓଡ଼ିଶାରେ ଏହି ସମୟରେ ଭୁବନେଶ୍ୱରରେ ମୁକ୍ତେଶ୍ୱର ମନ୍ଦିର, ଅନନ୍ତ  ବାସୁଦେବ ମନ୍ଦିର, ପୁରୀରେ ଜଗନ୍ନାଥ ମନ୍ଦିର ଏବଂ କୋଣାର୍କରେ ସୂର୍ଯ୍ୟ ମନ୍ଦିର ନିର୍ମିତ ହୋଇଥିଲା । ଏହି ମନ୍ଦିରଗୁଡ଼ିକ କଳିଙ୍ଗ ସ୍ଥାପତ୍ୟର ଅନନ୍ୟ ପରିପ୍ରକାଶ ।



ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିର

ଓଡ଼ିଶାର କିଛି ପ୍ରସିଦ୍ଧ ମନ୍ଦିରର ନାମ ଲେଖ । ଅନ୍ୟମାନଙ୍କ ସହିତ ଆଲୋଚନା କରି ଭାରତର କିଛି ବିଶିଷ୍ଟ ମନ୍ଦିରର ନାମ ଲେଖ ।

## ଆମେ କ'ଣ ଶିଖିଲେ

- ଇତିହାସ ରଚନା କରିବା ପାଇଁ ବହୁବିଧ ଉପାଦାନ ଆବଶ୍ୟକ ।
- ମଧ୍ୟଯୁଗୀୟ ଇତିହାସ ରଚନା କରିବା ପାଇଁ ଶାହାନାମା, ବାବରନାମା, ଆମୁକ୍ତ ମାଲ୍ୟବ ଏବଂ ଅନ୍ୟାନ୍ୟ ଅଭିଲେଖ ଗୁଡ଼ିକ ଆବଶ୍ୟକ ।
- ସୁଲତାନ ମାମୁଦ ୧୭ ଥର ଭାରତ ଆକ୍ରମଣ କରି ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲେ ।
- ମହମ୍ମଦ ଘୋରୀ ଦ୍ୱିତୀୟ ତିରୋରୀ ଯୁଦ୍ଧରେ ପୃଥ୍ୱୀରାଜଙ୍କୁ ପରାସ୍ତ କରିଥିଲେ ।
- କନୌଜ ପ୍ରତିହାରମାନଙ୍କ ରାଜଧାନୀ ଥିଲା ।
- ଚୋଳମାନଙ୍କର ଶକ୍ତିଶାଳୀ ନୌବାହିନୀ ଥିଲା ଓ ସେମାନଙ୍କର ଶାସନ ଉତ୍କୃଷ୍ଟ ଥିଲା । ପାଣ୍ଡ୍ୟମାନଙ୍କର ରାଜଧାନୀ ମଦୁରା ଥିଲା ଏବଂ ତାଙ୍କ ସମୟରେ ମାର୍କୋପୋଲ ଭାରତ ଭ୍ରମଣରେ ଆସିଥିଲେ । ହୟଶାଳମାନଙ୍କର ରାଜଧାନୀ ଦ୍ୱାର ସମୁଦ୍ର ଥିଲା ଏବଂ ଦ୍ୱିତୀୟ ବୀର ବଲ୍ଲାଳ ଏହି ବଂଶର ଶ୍ରେଷ୍ଠ ରାଜା ଥିଲେ ।
- ଯାଦବମାନଙ୍କର ରାଜଧାନୀ ଦେବଗିରି ଥିଲା
- ଓଡ଼ିଶାରେ ସୋମବଂଶର ଜନ୍ମେଜୟ ପ୍ରଥମ ଯଯାତି, ଦ୍ୱିତୀୟ ଯଯାତି, କର୍ଣ୍ଣ ଆଦି ରାଜାମାନେ ଶାସନ କରିଥିଲେ ।
- ଓଡ଼ିଶାରେ ଗଙ୍ଗବଂଶର ରାଜା ଚୋଡ଼ଗଙ୍ଗ ଦେବ ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଓ ପ୍ରଥମ ନରସିଂହ ଦେବ କୋଣାର୍କରେ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ ।
- ଶଙ୍କର, ରାମାନୁଜ, ରାମନନ୍ଦ, ନିମ୍ବାର୍କ ଆଦି ଆଧ୍ୟାତ୍ମିକବାଦୀମାନେ ସେମାନଙ୍କର ମତ ପ୍ରଚାର କରିଥିଲେ ।
- ଆଞ୍ଚଳିକ ଭାଷା ରୂପେ ତାମିଲ, ତେଲଗୁ, ଓଡ଼ିଆ ଆଦି ଭାଷାର ବିକାଶ ଘଟିଥିଲା ।
- ନୂତନ ଶୈଳୀରେ ମଧ୍ୟଯୁଗରେ ଦକ୍ଷିଣ ଭାରତ, ମଧ୍ୟ ଭାରତ ଏବଂ ଓଡ଼ିଶାରେ ବିଭିନ୍ନ ମନ୍ଦିରମାନ ନିର୍ମିତ ହୋଇଥିଲା ।

## ପ୍ରଶ୍ନାବଳୀ-୧

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ) ଅଧିକାଂଶ ମଧ୍ୟଯୁଗୀୟ ଲେଖକ, କବି ବା ଐତିହାସିକମାନଙ୍କର ମୂଳ ଲେଖା କାହିଁକି ହସ୍ତଗତ ହୋଇ ପାରି ନାହିଁ?

ଖ) ମାମୁଦଙ୍କ ଦରବାର ସଂପର୍କରେ ତୁମେ କଣ ଜାଣିଛ,ଲେଖ ।

ଗ) ମହମ୍ମଦ ଘୋରୀଙ୍କ ଭାରତ ଆକ୍ରମଣ ସଂପର୍କରେ ଲେଖ ।

ଘ) ଚୋଳମାନଙ୍କର ରାଜ୍ୟ ଶାସନ ବିଷୟରେ ସଂକ୍ଷେପରେ ଆଲୋଚନା କର ।

ଙ)  ଯାଦବ ବଂଶର ରାଜାମାନଙ୍କର କୃତିତ୍ୱ ବିଷୟରେ ଲେଖ ।
ଚ)  ପ୍ରଥମ  ଜନ୍ମେଜୟଙ୍କ  କୃତିତ୍ୱ ସଂପର୍କରେ ଆଲୋଚନା କର ।
ଛ)  ସୋମବଂଶୀମାନଙ୍କର ସାଂସ୍କୃତିକ କୃତିତ୍ୱମାନ ଉଲ୍ଲେଖ କର ।
ଜ)  ଚୋଡ଼ଗଙ୍ଗ ଦେବଙ୍କ ରାଜ୍ୟ ଜୟ ସଂମ୍ବନ୍ଧରେ ଲେଖ ।
ଝ)  ପ୍ରଥମ ନରସିଂହଦେବଙ୍କ ରାଜ୍ୟ ଶାସନ ସଂପର୍କରେ ସମ୍ୟକ ଧାରଣା ଦିଅ ।
ଞ)  ପୁରୀର ଜଗନ୍ନାଥ ମନ୍ଦିରର ନିର୍ମାଣ ଶୈଳୀ ସଂପର୍କରେ ଲେଖ ।
ଟ)  ରାମାନୁଜଙ୍କ ମତ କଣ ଥିଲା ?
ଠ)  ଦକ୍ଷିଣ ଭାରତରେ ସୃଷ୍ଟି ହୋଇଥିବା ଭାଷା ଓ ସାହିତ୍ୟ ବିଷୟରେ ଆଲୋଚନା କର ।
ଡ)  ମଧ୍ୟଯୁଗୀୟ ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ବିଷୟରେ ଉଲ୍ଲେଖ କର ।

୨.  ଭୁଲ ଥିଲେ ଠିକ୍ କରି ଲେଖ।

କ)  ସୁଲତାନ ମାମୁଦଙ୍କ ସଂପର୍କରେ ଅମୀର ଖୁସ୍ରୁଙ୍କ 'ଖାଜାଇନ-ଉଲ-ଫୁତୁ' ବର୍ଣ୍ଣନା କରିଥାଏ ।
ଖ)  ଓଡ଼ିଶାରେ ସୋମବଂଶୀମାନଙ୍କର ଶାସନ ବିଷୟରେ ସାହିତ୍ୟିକ ଉପାଦନରୁ ଜଣାପଡ଼ିଥାଏ ।
ଗ)  ପ୍ରତିହାରମାନେ ଶିବ ଏବଂ ଦୁର୍ଗାଙ୍କର ଉପାସକ ଥିଲେ ।
ଘ)  ଦ୍ୱିତୀୟ ବୀରବଲ୍ଲାଳ ପାଣ୍ଡ୍ୟ ବଂଶର ଶାସକ ଥିଲେ ।
ଙ)  ସୋମବଂଶୀମାନେ ସୂର୍ଯ୍ୟବଂଶୀୟ ଶାସକ ଥିଲେ ।
ଚ)  ମୁକ୍ତେଶ୍ୱର ମନ୍ଦିର ଗଙ୍ଗମାନଙ୍କର ବିଶିଷ୍ଟ କୃତି ।
ଛ)  ସତାନନ୍ଦଙ୍କ 'ଭାସ୍ୱତୀ' ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ରଦେବଙ୍କ ସମୟରେ ରଚିତ ହୋଇଥିଲା ।
ଜ)  କ୍ଷୀରଚୋରା ଗୋପୀନାଥ ମନ୍ଦିର ଲାଙ୍ଗୁଳା ନରସିଂହଦେବଙ୍କର ଅନନ୍ୟ କୃତି ।
ଝ)  ନୀମ୍ବାର୍କ 'ଅଦ୍ୱୈତ ମତବାଦ' ପ୍ରଚାର କରିଥିଲେ ।
ଞ)  ନାନାୟ କନ୍ନଡ ଭାଷାରେ 'ମହାଭାରତ' ରଚନା କରିଥିଲେ ।
ଟ)  ଲିଙ୍ଗାୟତ ଗୋଷ୍ଠୀର ସନ୍ଥମାନେ ସଂସ୍କୃତ ଭାଷା ବ୍ୟବହାର କରିଥିଲେ ।
ଠ)  ବିହାରର ଆବୁ ପର୍ବତରେ ଥିବା ଦିଲ୍ୱାରା ଜୈନ ମନ୍ଦିର ତାର ମାର୍ବଲ କଳା ପାଇଁ ପ୍ରସିଦ୍ଧ ।

୩.  ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

କ)  'ତୁଗ୍‌ଲକ୍‌ନାମା' ____________ ଙ୍କ ଦ୍ୱାରା  ରଚିତ ହୋଇଥିଲା ।
(ଫିର୍ଦ୍ଦୋସି, ଆବୁଲ୍ ଫାଜଲ୍, ଅମୀର ଖୁସ୍ରୁ, ଇନାୟତ ଖାଁ)
ଖ)  ସୁଲତାନ ମାମୁଦ ____________ ଥର ଭାରତ ଆକ୍ରମଣ କରିଥିଲେ ।
(୧୪,୧୫,୧୬,୧୭)
ଗ)  ପୃଥ୍ୱୀରାଜ ମହମ୍ମଦ ଘୋରୀଙ୍କୁ ____________ ଯୁଦ୍ଧରେ ପରାସ୍ତ କରିଥିଲେ ।
(ପ୍ରଥମ ତିରୋରୀ, ଦ୍ୱିତୀୟ ତିରୋରୀ, ଚାନ୍ଦେରୀ, ହଳଦୀଘାଟ)
ଘ)  ମହେନ୍ଦ୍ର ପାଳ ____________ ବଂଶର ରାଜା ଥିଲେ ।
(ପାଳ, ପ୍ରତିହାର, ପାଣ୍ଡ୍ୟ, ଚୋଳ)
ଙ)  ଚୋଳ ମାନଙ୍କର ରାଜଧାନୀ ____________ ଥିଲା ।
(ତାଞ୍ଜୋର, କନୌଜ, ମଦୁରା, ଦ୍ୱାରସମୁଦ୍ର)

ଚ) ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ____________ ଙ୍କ ସମୟରେ ନିର୍ମିତ ହୋଇଥିଲା ।

(ପ୍ରଥମ ଜନମେଜୟ, ପ୍ରଥମ ଯଯାତି, ଦ୍ୱିତୀୟ ଯଯାତି, କର୍ଣ୍ଣଦେବ)

ଛ) 'ଭାସ୍ୱତୀ' ନାମକ ଗ୍ରନ୍ଥ ____________ ରଚନା କରିଥିଲେ ।

(ବିଦ୍ୟାଧର, ସତାନନ୍ଦ, ଶାରଳା ଦାସ, ଜଗନ୍ନାଥ ଦାସ)

ଜ) କାମ୍ବାନ ____________ ଭାଷାରେ 'ରାମାୟଣ' ରଚନା କରିଥିଲେ ।

(ତେଲଗୁ, ତାମିଲ, କନ୍ନଡ, ଓଡ଼ିଆ)

ଝ) ଗୋପୁରମ୍ ____________ ଭାରତୀୟ ମନ୍ଦିରଗୁଡ଼ିକରେ ଦେଖାଯାଏ ।

(ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ)

ଞ) ____________ କଳିଙ୍ଗ ସ୍ଥାପତ୍ୟର ନିଦର୍ଶନ ।

(ସୋମନାଥ ମନ୍ଦିର, ରାଜରାଜେଶ୍ୱର ମନ୍ଦିର, ଦିଲ୍ୱାରା ମନ୍ଦିର, ମୁକ୍ତେଶ୍ୱର ମନ୍ଦିର)

ଟ) ____________ 'ଅଦ୍ୱୈତ ମତବାଦ'ର ପ୍ରଚାରକ ।

(ରାମାନନ୍ଦ, ରାମାନୁଜ, ଶଙ୍କର, ନିମ୍ବାର୍କ)

୪. 'କ' ସ୍ତମ୍ଭର ଖ୍ରୀଷ୍ଟାବ୍ଦ ସହିତ 'ଖ' ସ୍ତମ୍ଭର ଘଟଣାକୁ ସଠିକ୍ ଭାବରେ ଯୋଡି ବାକ୍ୟ ଗଠନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧୧୯୨ ଖ୍ରୀଷ୍ଟାବ୍ଦ | ପ୍ରଥମ ନରସିଂହ ଦେବଙ୍କ ସିଂହାସନ ଆରୋହଣ |
| ୧୦୨୫ ଖ୍ରୀଷ୍ଟାବ୍ଦ | ଚୋଡ଼ଗଙ୍ଗଙ୍କ ଉତ୍କଳ ଅଧିକାର |
| ୧୧୧୦ ଖ୍ରୀଷ୍ଟାବ୍ଦ | ପ୍ରଥମ ମହିର ଭୋଜଙ୍କ ସିଂହାସନ ଆରୋହଣ |
| ୧୨୩୮ ଖ୍ରୀଷ୍ଟାବ୍ଦ | ସୋମନାଥ ମନ୍ଦିର ଲୁଣ୍ଠନ |
| ୮୪୦ ଖ୍ରୀଷ୍ଟାବ୍ଦ | ଦ୍ୱିତୀୟ ତିରୋରୀ ଯୁଦ୍ଧ |

୫. ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

ପ୍ରଥମ ତିରୋରୀ ଯୁଦ୍ଧ, ପ୍ରଥମ ରାଜରାଜଙ୍କ ରାଜ୍ୟଜୟ, ସଭାର କାର୍ଯ୍ୟ, କୟଲ ବନ୍ଦର, ପ୍ରଥମ ଯଯାତିଙ୍କ ରାଜ୍ୟଜୟ, ଚୋଡ଼ଗଙ୍ଗଦେବଙ୍କ ଦୁର୍ଗ ନିର୍ମାଣ, ପୁରୀର ଜଗନ୍ନାଥ ମନ୍ଦିର, ଶଙ୍କର, ରାମାନୁଜ, କବୀର, ନାନକ, ଶ୍ରୀଚୈତନ୍ୟ, ଗୋପୁରମ, ତେଲୁଗୁ ଭାଷାରେ ସାହିତ୍ୟ

୬. ପ୍ରଥମ ତିରୋରୀ ଯୁଦ୍ଧ ଏବଂ ଦ୍ୱିତୀୟ ତିରୋରୀ ଯୁଦ୍ଧର ଏକ ତୁଳନାତ୍ମକ ବିବରଣୀ ପ୍ରସ୍ତୁତ କର ।

୭. ଚୋଳ, ପାଣ୍ଡ୍ୟ, ହୟଶାଳ, ଯାଦବ ଏବଂ ପ୍ରତିହାର ବଂଶୀୟ ରାଜାମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।

୮. ମହମ୍ମଦ ଘୋରୀ ଏବଂ ମାମୁଦ ଗଜନୀଙ୍କ ଭାରତ ଆକ୍ରମଣ ମଧ୍ୟରୁ ତୁମେ କେଉଁଟିକୁ ବେଶୀ ଗୁରୁତ୍ୱପୂର୍ଣ୍ଣ ଭାବୁଛ ଏବଂ କାହିଁକି ?

୯. ମାନଚିତ୍ର ଅଙ୍କନ କରି ଚୋଳ, ପାଣ୍ଡ୍ୟ ଏବଂ ହୟଶାଳମାନଙ୍କର ରାଜ୍ୟ ଚିହ୍ନଟ କର ।

୧୦. ଶଙ୍କର ଏବଂ ରାମାନୁଜଙ୍କ ମତ ସଂପର୍କରେ ଆଲୋଚନା କରି ତମେ କେଉଁଟିକୁ ଏବଂ କାହିଁକି ପ୍ରାଧାନ୍ୟ ଦେବ ଲେଖ ।

୧୧. ପଠିତ ବିଷୟରୁ ଆଞ୍ଚଳିକ ଭାଷାରେ ଲିଖିତ ସାହିତ୍ୟର ଏକ ତାଲିକା ପ୍ରସ୍ତୁତ କର ।

## ତୁମପାଇଁ କାମ:

ମୁକ୍ତେଶ୍ୱର, ଅନନ୍ତବାସୁଦେବ, ମହାବିନାୟକ ଓ ଏହିପରି ଅନ୍ୟ ତିନୋଟି ମନ୍ଦିରର ଚିତ୍ର ସଂଗ୍ରହ କରି ସେଗୁଡ଼ିକ କେଉଁ ସ୍ଥାନରେ ଅବସ୍ଥିତ,ଦର୍ଶାଅ ।